ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.240 Bhubaneswar Friday, November 12, 2021 | ୨୪ତମ ବର୍ଷ ସଂଖ୍ୟା–୨୪୦ ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଓଡିଶା ବନ୍ଦ : ହାଇକୋର୍ଟଙ୍କ ରାୟକୁ କଡାକଡି ପାଳନ ପାଇଁ ଡିଜିପିଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୧୧।୧୧(ପି.ଏନ): ଓଡିଶା ବନ୍ଦକୁ ନେଇ ହାଇକୋର୍ଟ ଦେଇଥିବା ରାୟକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ନିର୍ଦ୍ଦେଶ ଦେଇଛନ୍ତି। କଂଗ୍ରେସର ପ୍ରସ୍ତାବିତ ଓଡିଶା ବନ୍ଦ ନେଇ ଗୁରୁବାର ଦିନ ଡିଜିପି ସବୁ ଜିଲ୍ଲାର ଏସପି , ରେଂଜ ଡିଆଇଜି , ପୋଲିସ୍ କମିଶନର , ଡିସିପି ମାନଙ୍କ ସହ ବୈଠକ କରିଥିଲେ। ଡିଜିପି ସମସ୍ତଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସମ୍ପର୍କରେ ଅବଗତ କରାଇବା ସହ ଏହାକୁ କଡାକଡି ପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉଲ୍ଲେଖ୍ୟଯୋଗଯୋଗ୍ୟ ଯେ ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ରାଜ୍ୟ କଂଗ୍ରେସ ପକ୍ଷରୁ ଆସନ୍ତାକାଲି ଓଡିଶା ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହାକୁ ବିରୋଧ କରି ହାଇକୋର୍ଟରେ ମାମଲା ହୋଇଥିଲେ । ତେବେ ଜବରଦସ୍ତି ବନ୍ଦ ପାଳନ କରାଯିବ ନାହିଁ ବରଂ ହରତାଳ କରାଯାଇପାରିବ ବୋଲି ହାଇକୋର୍ଟ ରାୟ ଦେଇଥିଲେ । ଜୋର ଜବରଦସ୍ତ ବନ୍ଦ କରିପାରିବନି: ହାଇକୋର୍ଟ ଭୁବନେଶ୍ୱର (ଓଡିଶା ରିପୋର୍ଟର): ମମିତା ମେହେର ହତ୍ୟା ମାମଲାରେ ଆସନ୍ତାକାଲି କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିବା ପ୍ରସଙ୍ଗରେ ହାଇକୋର୍ଟ ବଡ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବନ୍ଦ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ବନ୍ଦ କରିବା ବଦଳରେ ହରତାଳ କରିପାରିବେ। ହେଲେ ଜୋର ଜବରଦସ୍ତି କାହାରିକୁ ବନ୍ଦ କରିପାରିବେ ନାହିଁ ବୋଲି ହାଇକୋର୍ଟ ସିଧାସିଧା କହିଛନ୍ତି।ମମିତା ମେହେର ହତ୍ୟା ଘଟଣାରେ ଆସନ୍ତାକାଲି ଅର୍ଥାତ ନଭେମ୍ବର ୧୨ ତାରିଖରେ ୬ ଘଣ୍ଟିଆ ଓଡିଶା ବନ୍ଦର ଘୋଷଣା କରିଥିଲା। ଏହି ସମୟରେ ଦୋକାନ ବନ୍ଦ କରିବାକୁ କୁହାଯାଇଥିଲା। କିନ୍ତୁ ଏହା ବିରୋଧରେ କଟକର ଜଣେ ବ୍ୟବସାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମଧ୍ୟ ଶୁଣାଣି ପାଇଁ ଅପରାହ୍ଣ ୪ଟା ଧାର୍ଯ୍ୟ କରିଥିଲେ। ଶୁଣାଣି କରି ହାଇକୋର୍ଟ କହିଛନ୍ତି ଯେ, ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶାନାମା ରହିଛି, ଯେଉଁ ଆଧାରରେ କୌଣସି ପ୍ରକାରରେ ଜବରଦସ୍ତି ବନ୍ଦ କରାଯାଇପାରିବ ନାହିଁ। ତେଣୁ ବନ୍ଦ ବଦଳରେ କେବଳ ହରତାଳ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି।

## ୧୩ରେ ଆଉ ଏକ ଲଘୁଚାପ ସମ୍ଭାବନା : ଅବପାତ ପ୍ରଭାବରେ ୧୬ ଯାଏଁ ବର୍ଷା

ଭୁବନେଶ୍ୱର, ୧୧।୧୧(ପି.ଏନ): ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଅବପାତ ପ୍ରଭାବରେ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ବର୍ଷା ଜାରି ରହିଛି। ଓଡିଶା ଉପରେ ଏହାର ସିଧାସଳଖ ପ୍ରଭାବ ନଥିଲେ ହେଁ ରାଜ୍ୟରେ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ପାଗ କୋହଲା ରହିବା ସହିତ ସାମାନ୍ୟ ବର୍ଷା ହେବାର ଆଶଙ୍କା ରହିଛି। ଅପରପକ୍ଷରେ ଆସନ୍ତା ୧୩ ତାରିଖ ସୁଦ୍ଧା ଦକ୍ଷିଣ ଆଣ୍ଡାମାନରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ଏହାର ପରବର୍ତ୍ତୀ ୪୮ ଘଂଟା ମଧ୍ୟରେ ପଶ୍ଚିମ ଉତର ଆଡକୁ ଗତି କରି ଅବପାତର ରୂପ ନେଇପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାସ କହିଛନ୍ତି ଅବପାତ ପ୍ରଭାବରେ ଶୁକ୍ରବାରଠାରୁ ୧୫ ତାରିଖ ଭିତରେ ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, କଟକ, ଖୋର୍ଦ୍ଧା, ଜଗତସିଂହପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଯାଜପୁର, ପୁରୀ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

## ଗୋଟିଏ ଦିନରେ ୨୭୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୧।୧୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୭୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୪୬୯୯ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୬୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୩ ହଜାର ୩୪୪ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୯୩୨ ରହିଛି ।ଆଜି ଚିହ୍ନଟ ହୋଇଥିବା ୨୭୧ ଜଣଙ୍କ ମଧ୍ୟରୁ ୧୫୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୧୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୧୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱରରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୨୩ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଓ ଗଂଜାମ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଜଗତସିଂହପୁର ଜିଲ୍ଲାରୁ ୭ ଜଣ, ଯାଜପୁରରୁ ୧୦ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୨୨ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କେନ୍ଦ୍ରାପଡ଼ାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମାଲକାନଗିରି ଜିଲ୍ଲାରୁ ୫,ମୟୂରଭଞ୍ଜରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ପୁରୀରୁ ୭ ଜଣ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୦ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ୧, ସୁନ୍ଦରଗଡ଼ରୁ ୧୦ ଜଣ ଓ ଷ୍ଟେଟ୍ ପୁଲରୁ ୨୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କ ବକେଆ ଟଙ୍କା ଓ ପେନସନ ପ୍ରଦାନ ନିମନ୍ତେ ଦାବି ପତ୍ର ପ୍ରଦାନ

କୋରାପୁଟ,୧୧।୧୧(ପି.ଏନ): କୋରାପୁଟ ଜିଲ୍ଲା କୋଟପାଡ଼ ବିଜ୍ଞପିତ ଅଞ୍ଚଳ ପରିଷଦ ଠାରେ ଉକ୍ତ ବିଜ୍ଞପିତ ଅଞ୍ଚଳ ପରିଷଦର ଅବସର ପ୍ରାପ୍ତ କର୍ମଚାରୀମାନେ ନିଜର ବକେଆ ଟଙ୍କା ଓ ପେନସନ ପ୍ରଦାନ ପାଇଁ ଏକ ଦାବିପତ୍ରବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କୁ ପ୍ରଦାନ କରିଥିଲେ । ବାରମ୍ବାର ପ୍ରତିଶୃତି ପରେ ମଧ୍ୟ ଉକ୍ତ ଅବସର କର୍ମଚାରୀଙ୍କ ବକେୟା ଟଙ୍କା ହସ୍ତାନ୍ତର କି ଅନ ଲାଇନ ପେମେଣ୍ଟଆଜି ପର୍ଯ୍ୟନ୍ତ କରାଯାଇନାହିଁ । ଅବସର କର୍ମଚାରୀଙ୍କ କହିବା ଅନୁସାରେ ସେମାନେ ଗତ ତା :୨୯/୦୭/୨୦୨୧ ରେ ଏ ସମ୍ବନ୍ଧରେ କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ, ସେତେବେଳେ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୌଖିକ ଭାବେ ଦଶହରା ପୂର୍ବରୁ ଦେବେ ବୋଲି ପ୍ରତିଶୃତି ଦେଇଥଲେ,କିନ୍ତୁ ସେପରି ହେଇନଥିଲା । ତେଣୁ ପୁନର୍ବାର ତା : ୧୧/୧୧/ ୨୧ ଆଜି ଏହି ବକେଆ ଟଙ୍କା ଓ ଯେଉଁ କର୍ମଚକ୍ଷରୀଙ୍କ ପେନସନ ହେଇନାହିଁ ସେମାନଙ୍କ ପେନସନ ପାଇଁ କୋଟପାଡ଼ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । କାର୍ଯ୍ୟ ନିର୍ବାହୀ ଅଧିକାରୀ ଆସନ୍ତା ୧୫ଦିନ ମଧ୍ୟରେ ବକେୟା ଟଙ୍କା ଦେବେ ବୋଲି ଆଶ୍ୱଷନା ସହ ପ୍ରତିଶୃତି ଦେଇଥିଲେ କ୍ଷ ଦାବିପତ୍ର ପ୍ରଦାନ ସମୟରେ ଅବସର ପ୍ରାପ୍ତ କର୍ମଚାରୀ ଶ୍ରୀ ନବୀନ ମନ୍ଦକ୍ଷର,ରଜନୀକାନ୍ତ ଶତ୍ରୁଶୋଲ୍ୟ, ପ୍ରଦୀପ ପଟନାୟକ, ଟି ଯାନୀ, ଆମି ସୁନା, ପଞ୍ଚାନନ ପ୍ରଧାନଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଯଦି ଆଗାମୀ ଦିନରେ ପ୍ରତିଶୃତି ମୁତାବକ ଠିକ ସମୟରେ ବକେୟା ଟଙ୍କା ନ ଦିଅନ୍ତି, ତା ହେଲେ ଆଗାମୀ ଦିନରେ କାର୍ଯ୍ୟାଳୟର ସମସ୍ତ ଅବସର ପ୍ରାପ୍ତ କର୍ମଚାରୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି ।

## ବ୍ରାହ୍ମଣୀ କଲେଜରେ ବିଧାୟକ ଶଶୀଭୂଷଣଙ୍କ ମାସ୍କ ବଣ୍ଟନ



ଭୁବନେଶ୍ୱର,୧୧।୧୧(ପି.ଏନ): ମହାମାରୀ କରୋନାର ତୃତୀୟ ଲହର ଆସିବାର ଯଥେଷ୍ଟ ସମ୍ଭକ୍ଷବନା ଥିବାରୁ ଓଡିଶା ସରକାର ଏ ବିଷୟରେ ଆଗୁଆ ପଦକ୍ଷେପ ନେଉଛନ୍ତି। ଜନସାଧାରଣ ବିଶେଷ କରି ଯୁବ ସମାଜ ଅଧିକ ସତର୍କ ଓ ସାବଧାନ ରହିବାକୁ ନିଜେ ମୁଖ୍ୟ ମନ୍ତ୍ରୀ ବାରମ୍ବାର ସୂଚାଉଛନ୍ତି। ଅନୁରୂପ ଭାବରେ କେନ୍ଦ୍ରାପଡ଼ା ବିଧାୟକ ଶଶୀଭୁଷଣ ବେହେରା ଗୁରୁବାର ପୂର୍ବାହ୍ନ ରେ ପଟାମୁଣ୍ଡାଇ ଧୋୟାଞ୍ଚଳର ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ ବ୍ରାହ୍ମଣୀ କଲେଜ ରେ ପହଂଚି ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀଙ୍କୁ ମାସ୍କ ବଣ୍ଟନ କରି ଥିଲେଏବଂ ବିଧାୟକଙ୍କ ତରଫରୁ ମିଷ୍ଟାର୍ଣ୍ଣ ବଣ୍ଟନ କରାଯାଇଥିଲା। ବିଜୁ ଛାତ୍ର ଜନତା ଅଗ୍ରଣୀ କର୍ମୀ ସୌଭାଗ୍ୟ ରାଉତ, ପେଣ୍ଟପାଳ ବିଜେଡି ସଭାପତି କେଦାର ବିଶ୍ୱାଳ, ଉମେଶ ମହାନ୍ତି, ଶଶାଙ୍କ ବିଶ୍ୱାଳ, ଦିଲ୍ଲୀପ ବିଶ୍ୱାଳ, ଦେବେନ୍ଦ୍ର ପ୍ରଧାନ, andhara ସରପଞ୍ଚଙ୍କ ପ୍ରତିନିଧି ଜ୍ୟୋତିପ୍ରକାଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିବାବେଳେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ଅଧକ୍ଷଙ୍କ ଅନୁପସ୍ଥିତି ବା ନିଜେ ଛୁଟିରେ ରହିବା, ତାହାପୁଣି ବିଧାୟକଙ୍କ ବିଶେଷ କାର୍ଯ୍ୟକ୍ରମ ସମୟରେ, ଶିକ୍ଷାପ୍ରେମୀଙ୍କୁ ନିରୁତ୍ସାହିତ କରିଥିଲା। ତେବେ ବିଧାୟକ ଶ୍ରୀ ବେହେରା କଲେଜ ର ବିଭିନ୍ନ ଉନ୍ନୟନ ବିଶେଷକରି ଫନି ସହାୟତା ପାଇଁ ଆସିଥିବା ଅର୍ଥରେ ନିର୍ମାଣ ହୋଇଥିବା ଗୃହ ବୁଲି ଦେଖିଥିଲେ।

## ୫ଟି ଜିଲ୍ଲାର ୧୪୨ଟି ରୂପାନ୍ତରିତ ସ୍କୁଲ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୧୧(ପି.ଏନ): ୫–ଟି ସ୍କୁଲ ଟ୍ରାନ୍ସଫରମେସନ୍ (ସ୍କୁଲ ରୂପାନ୍ତର)କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩୦ଟି ଜିଲ୍ଲାର ୧୦୭୫ଟି ସ୍କୁଲର ରୂପାନ୍ତର କାର୍ଯ୍ୟ ଶେଷ ହୋଇଛି। ସାତ ଦିନ ଧରି ଚାଲିବାକୁ ଥିବା ଏହି ପର୍ବର ପ୍ରଥମ ଦିନରେ ଆଜି ସୁନ୍ଦରଗଡ, କଟକ, ନବରଙ୍ଗପୁର, କନ୍ଧମାଳ ଓ ବାଲେଶ୍ୱର ଆଦି ୫ଟି ଜିଲ୍ଲାର ୧୪୨ଟି ରୂପାନ୍ତର ସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଲୋକାର୍ପିତ କରିଛନ୍ତି। ଏଥିରେ ସୁନ୍ଦରଗଡର ୬୭ଟି, କଟକର ୩୦ଟି, ବାଲେଶ୍ୱରର ୨୩ଟି, ନବରଙ୍ଗପୁରର ୨୨ଟି ଓ କନ୍ଧମାଳର ୧୦ଟି ସ୍କୁଲ ରହିଛି । ପୂର୍ବରୁ ଗତ ଅଗଷ୍ଟ ରେ ହିଞ୍ଜିଳିର ୫୦ଟି ରୂପାନ୍ତରିତ ସ୍କୁଲର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍କୁଲରେ ତିଆରି ହୁଏ ଦେଶର ଭବିଷ୍ୟତ। ଜାତିର ଭବିଷ୍ୟତ। ସ୍କୁଲ ସମୟ ପିଲାମାନଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ଏ ସମୟରେ ପିଲାମାନଙ୍କୁ ସେମାନଙ୍କର ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବା ଆମର ଦାୟିତ୍ୱ। ମୁଖ୍ୟମନ୍ତ୍ରୀ କହିଲେ, "ମୁଁ ଚାହେଁ ମୋ ରାଜ୍ୟର ପିଲା ସବୁ କ୍ଷେତ୍ରରେ ଆଗୁଆ ହୁଅନ୍ତୁ। ପାଠ ସହ କ୍ରୀଡା, ସଂଗୀତ ସବୁ କ୍ଷେତ୍ରରେ ଓଡିଶାର ଗୌରବ ବଢାନ୍ତୁ। ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣନ୍ତୁ। ବଡ ବଡ ସ୍ୱପ୍ନ ଦେଖନ୍ତୁ ଓ ଜୀବନର ସବୁ ଆହ୍ୱାନକୁ ସାମନା କରିବା ପାଇଁ ଆତ୍ମବିଶ୍ୱାସର ସହ ଆଗକୁ ବଢନ୍ତୁ। ଏହା ହିଁ ହେଉଛି ସ୍କୁଲ ରୂପାନ୍ତରର ଲକ୍ଷ୍ୟ । ପିଲାମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ମାତୃଭୂମି ଓ ପରିବାର ପରେ ସ୍କୁଲ ହେଉଛି ଆମର ସବୁଠାରୁ ବଡ ପରିଚୟ । ମୋର ପୁରା ବିଶ୍ୱାସ, ତୁମେ ମାନେ ଭଲ ପାଠ ପଢି ଭଲ କାମ କରି, ଏ ପରିଚୟକୁ ରାଜ୍ୟର ଗୌରବରେ ପରିଣତ କରିପାରିବ।ଏହି କାର୍ଯ୍ୟକ୍ରମରେ ୫ଟି ଜିଲ୍ଲାର ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ବିଦ୍ୟାଳୟ ରୂପାନ୍ତର ସଂପର୍କରେ ନିଜର ମନ କଥା କହିଥିଲେ। ସୁନ୍ଦରଗଡର ଛାତ୍ରୀ ସିରିନ୍ କୌସର, ନବରଙ୍ଗପୁରର ନାଗେଶ୍ୱରୀ ପାଣିଗ୍ରାହୀ, ବାଲେଶ୍ୱରର ଅଭିଲିପ୍ସା ଲେଙ୍କା, କନ୍ଧମାଳର ଇତିଶ୍ରୀ କହଁର ଓ କଟକର ଗାୟତ୍ରୀ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଆଲୋଚନାରେ ଭାଗ ନେଇ କହିଥିଲେ ଯେ ସ୍କଲର ପରିବେଶ ଓ ଶିକ୍ଷା ସୁବିଧାର ପରିବର୍ତ୍ତନରେ ସେମାନେ ଖୁସି । ଆଗ ଅପେକ୍ଷା ସ୍କୁଲ ବହୁତ ଭଲ ଲାଗୁଛି ବୋଲି ସେମାନେ କହିଥିଲେ ।କାର୍ଯ୍ୟକ୍ରମରେ ସୁନ୍ଦରଗଡରେ ଜିଲ୍ଲା ଯୋଜନା କମିଟିର ଅଧକ୍ଷ ସାରଦା ପ୍ରସାଦ ନାୟକ, ନବରଂଗପୁରରେ ସାଂସଦ ରମେଶ ଚନ୍ଦ୍ର ମାଝୀ, ବାଲେଶ୍ୱରରେ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କନ୍ଧମାଳରେ ସାଂସଦ ଅଚ୍ୟୁତାନନ୍ଦ ସାମନ୍ତ ଏବଂ କଟକରେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଜିଲ୍ଲାର ବିଧାୟକ ମାନେ ଯୋଗ ଦେଇ ବିଦ୍ୟାଳୟ ରୂପାନ୍ତର କାର୍ଯ୍ୟକ୍ରମର ଉଚ୍ଚପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ସଂପର୍କରେ ଭିଡିଓ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ ।ମୋ ସ୍କୁଲ କାର୍ଯ୍ୟକ୍ରମର ଅଧକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ସ୍ୱାଗତ ଭାଷଣ ଦେଇ ଥିଲେ।୫–ଟି କାର୍ଯ୍ୟକ୍ରମରେ ରୂପାନ୍ତର ହୋଇଥିବା ୧୦୨୫ ହାଇସ୍କୁଲର ଲୋକାର୍ପଣ ଉତ୍ସବ ଆଜିଠାରୁ ଆରମ୍ଭ ହୋଇଛି । ୨୪ ନଭେମ୍ବର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ।

## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha

ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ । କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି । ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ । ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍ । ‘ବିବି ହୋ ୟୌସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି । ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର । ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ । କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍ । ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି । ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍ । ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା ।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’



ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଦ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା । ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା



ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ । ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି । ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି । ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ । ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ ଏଠାରେ ପୋଷା ଯାଇସାରିଲାଣି । ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ । ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ । ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି । ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି । ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି । ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ । ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି । ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି ।

## ଫଟୋସପ୍‌ର କମାଲ୍

ଥିଓଡର । ତା’ବୟସ ମାତ୍ର ୧୦ ମାସ । ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ । କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ । ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ । ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍ । ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ । ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ । ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ । ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି । ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି । ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ । ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ । ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ । ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?




ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ । ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ । ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ । ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ । ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ । ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ । ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି । ଠିକ୍ ସେହିଭଳି ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ । ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ । ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି ।

## ଆଜିର ଭାଗ୍ୟ

**ମେଷ**: ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ**: ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ**: ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ**: ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ**: ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା**: ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା**: ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା**: ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ**: ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର**: କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ**: ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ**: ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# ମମିତା ମେହେର ପ୍ରସଙ୍ଗ: ଶଙ୍ଖ ଖୋଳପା ଭିତରେ ସୁରକ୍ଷିତ ଅପରାଧୀ




ଭୁବନେଶ୍ୱର (ପିଏନ୍): ଅପରାଧୀମାନେ ଅପରାଧ ଘଟାଇ 'ଶଂଖ'ର ଖୋଳପା ଭିତରେ ପଶିଯାଇଛନ୍ତି ଓ ସୁରକ୍ଷା ପାଉଛନ୍ତି। ଓଡ଼ିଶାବାସୀ ଏହି ଶଙ୍ଖାସୁରଙ୍କ ଉତ୍ପାତ ଯୋଗୁ ତ୍ରାହିତ୍ରାହି ଡାକିଲେଣି। ବିଶ୍ୱର ସମସ୍ତ ଓଡ଼ିଆ ଓ ଓଡ଼ିଶାବାସୀଙ୍କ ପ୍ରାର୍ଥନା ଶୁଣି ପ୍ରଭୁ ଜଗନ୍ନାଥ ଶଙ୍ଖାସୁରମାନଙ୍କୁ ବଧ କରିବେ ବୋଲି କଂଗ୍ରେସ ମୁଖପାତ୍ର ମନୋଜ କୁମାର ମହାପାତ୍ର କହିଥିଲେ। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଲେ ଯେ ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି ଯେ, ଶଙ୍ଖଚୂଡ଼ ଅସୁର ବ୍ରହ୍ମାଙ୍କ ବେଦ ଚୋରାଇ ସମୁଦ୍ର ଗର୍ଭକୁ ପଳାଇଲେ। ତାଙ୍କୁ ବିଷ୍ଣୁ ଆକ୍ରମଣ କଲାବେଳେ ସେ ଶଙ୍ଖ ଖୋଳପା ଭିତରେ ଲୁଚିଯାଉଥିଲା ଏବଂ ଶେଷରେ ସେହି ଶଙ୍ଖାସୁରକୁ ବିନାଶ କରିଥିଲେ ସ୍ୱୟଂ ବିଷ୍ଣୁ। ଏଭଳି ପରିସ୍ଥିତି ବର୍ତ୍ତମାନ ଓଡ଼ିଶାରେ ଚାଲିଛି। ଅପରାଧୀମାନେ ଅପରାଧ ଘଟାଇ ଶଙ୍ଖ ଖୋଳପାରେ ଲୁଚି ଯାଉଛନ୍ତି ଓ ସୁରକ୍ଷା ପାଉଛନ୍ତି। କିନ୍ତୁ ପ୍ରଭୁ ଜଗନ୍ନାଥ ଏମାନଙ୍କୁ ବଧ କରିବେ। ମମିତା ମେହେର ଅପହରଣ ଓ ହତ୍ୟାକାଣ୍ଡର ଏକ ମାସ ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଗସ୍ତ କଲେ। ପୀଡ଼ିତ ପରିବାରକୁ ସାନ୍ତ୍ୱନା, ସମବେଦନା ଜଣାଇଲେ ନାହିଁ। ଏହି ଘଟଣାରେ ଯାହାକୁ ଏହି ଅପରାଧର ପୃଷ୍ଠପୋଷକ କୁହାଯାଉଥିବା ବିବାଦୀୟ ରାଜ୍ୟ ଗୃହମନ୍ତ୍ରୀଙ୍କ ସହିତ ମଞ୍ଚାସୀନ ହୋଇ ନାରୀ ଜାତି ଓ ମମିତା ପରିବାର ପ୍ରତି ବିଦ୍ରୁପ କରିଛନ୍ତି। ପୁନଶ୍ଚ 'ଶଙ୍ଖ' ଦଳରେ ସାମିଲ ହେଲେ ସମ୍ପୂର୍ଣ୍ଣ ସୁରକ୍ଷା ମିଳିବ ବୋଲି ପରୋକ୍ଷରେ ଆଶ୍ୱାସନା ଦେବାଭଳି ବାର୍ତ୍ତା ଦେଇଛନ୍ତି। ମମିତା ମେହେର ମହାଲିଙ୍ଗ କଲେଜରେ ଚାଲୁଥିବା ଅନୈତିକ କାର୍ଯ୍ୟକୁ ବିରୋଧ କରି ପ୍ରାଣବଳି ଦେଇଛି। ଗୋବିନ୍ଦ ସାହୁ କେବଳ ଅପରାଧୀ, ଏହି ଘଟଣାରେ ଜଡ଼ିତ ବହୁ ଅପରାଧୀ ବାହାରେ ବୁଲୁଛନ୍ତି। ରାଜ୍ୟ ଗୃହରାଷ୍ଟ୍ରମନ୍ତ୍ରୀଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ସେଥିପାଇଁ କଂଗ୍ରେସ ମନ୍ତ୍ରୀଙ୍କ ବହିଷ୍କାର ସହ ଗିରଫ ଦାବି କରୁଛି। ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଆଗାମୀ ୧୨ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଓଡ଼ିଶାବାସୀ ଏହି ବନ୍ଦକୁ ସମର୍ଥନ କରିବାକୁ ଅନୁରୋଧ ଜଣାଇଥିଲେ ଶ୍ରୀ ମହାପାତ୍ର। କେବଳ ମମିତା ମେହେର ପ୍ରସଙ୍ଗ ନୁହଁ, ପରୀ ଘଟଣାରେ ତଦନ୍ତ କ'ଣ ହୋଇଛି? ବିବାଦୀୟ ମନ୍ତ୍ରୀ ଅରୁଣ ସାହୁ ଏପର୍ଯ୍ୟନ୍ତ ମନ୍ତ୍ରିମଣ୍ଡଳରେ ଅଛନ୍ତି। ମାହାଙ୍ଗା ଡବଲ ମର୍ଡ଼ର ଘଟଣାରେ ମାନ୍ୟବର ଅଦାଲତ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପର୍କରେ ତଦନ୍ତ ଆଦେଶ ଦେଇଛନ୍ତି। ଏପର୍ଯ୍ୟନ୍ତ ମନ୍ତ୍ରୀଙ୍କୁ ଜେରା କରାଗଲାଣି କି? ଏ.ସି.ଏଫ୍. ସୌମ୍ୟରଞ୍ଜନ ମୃତ୍ୟୁ ମାମଲାର ତଦନ୍ତରେ ମୃତ ବ୍ୟକ୍ତିଙ୍କ ପିତାମାତା ତଦନ୍ତ ବାଟବଣା ହୋଇଥିବା ଅଭିଯୋଗ କରିଛନ୍ତି। ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସହ ମଦମାଫିଆଙ୍କ ସମ୍ପର୍କରେ ତଦନ୍ତ କରାଯାଉନାହିଁ। ଏଭଳି ଘଟଣାଗୁଡ଼ିକର ସମୀକ୍ଷା କଲେ ଓଡ଼ିଶା ପୋଲିସ୍ ମନ୍ତ୍ରୀମାନଙ୍କୁ ସୁରକ୍ଷା ଦେଉଛି। ରାଜ୍ୟରେ ଘଟୁଥିବା ଅପରାଧ, ଦୁର୍ନୀତିର ତଦନ୍ତରେ ପୋଲିସ୍, କ୍ରାଇମ୍ ବ୍ରାଞ୍ଚ୍ ଓ ସି.ବି.ଆଇ ମଧ୍ୟ ଫେଲ୍ ମାରୁଛି। ଚିଟ୍‌ଫଣ୍ଡ, ଖଣି ଦୁର୍ନୀତି, ବ୍ଲାକ୍‌ରୋଜ ଜାହାଜ, ଇତିଶ୍ରୀ, କୁନ୍ଦୁଲି ଘଟଣା ପୀଡ଼ିତାମାନଙ୍କୁ ନ୍ୟାୟ ମିଳିନାହିଁ। ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ତାଙ୍କ ସାମ୍ବିଧାନିକ କର୍ତ୍ତବ୍ୟ ନିର୍ବାହ କରିବାରେ ବିଫଳ। ଅତୀତରେ ସ୍ୟାଡୋ ଅଫ୍ କରପ୍‌ସନ୍ (ଦୁର୍ନୀତିର ଛାୟା) ଅଭିଯୋଗରେ ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ବରଖାସ୍ତ କରୁଥିଲେ। ଏବେ ଏତେ ଅଭିଯୋଗ ଆସିଲେ ମଧ୍ୟ ମୌନ ରହିବାର କାରଣ କଣ? ତାଙ୍କ ଦଳର ଜଣେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ କହିଥିଲେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଫିଜିକାଲି ଓ ମେଣ୍ଟାଲି ଡଲ୍ ଏବଂ ଅନ୍ୟ ଉପରେ ନିର୍ଭରଶୀଳ। ୨୦୦୯ରୁ ଆଜି ପର୍ଯ୍ୟନ୍ତ ବିଧାନସଭାରେ ତାଙ୍କ ଅଧୀନରେ ଥିବା ବିଭାଗର କୌଣସି ପ୍ରଶ୍ନୋତ୍ତର କାର୍ଯ୍ୟରେ ଭାଗ ନେଇନାହାନ୍ତି। ତାଙ୍କ ତରଫରୁ ସବୁବେଳେ ଅନ୍ୟ 'କା' ମନ୍ତ୍ରୀମାନେ ଉତ୍ତର ରଖନ୍ତି। କରୋନା ବାହାନାରେ ନା ସେ ବିଧାନସଭା ଆସୁଛନ୍ତି ନା ଲୋକସେବା ଭବନ। ବିଗତ କିଛିଦିନ ଭିତରେ ରାଜ୍ୟର କେତୋଟି ଜିଲ୍ଲା ସେ ଗସ୍ତ କରିଛନ୍ତି। ସରକାରୀ ଖର୍ଚ୍ଚରେ ଲୋକଙ୍କ ପଇସାରେ ହେଲିକପ୍ଟରରେ ବ୍ୟାପକ ସୁରକ୍ଷା ମଧ୍ୟରେ ତାଙ୍କୁ ସଭାମଞ୍ଚକୁ ନିଆଯାଉଛି, କିନ୍ତୁ କଥା ପଦେ କହି ଭାଷଣ ଦେଉନାହାନ୍ତି। ତାଙ୍କ ଉପସ୍ଥିତିରେ ପୂର୍ବରୁ ରେକର୍ଡ଼ିଂ ଭିଡିଓ ଭାଷଣ ପ୍ରସାରଣ କରାଯାଉଛି। ତାହେଲେ ଲୋକଙ୍କ ଅର୍ଥ ଖର୍ଚ୍ଚ କରି ଗସ୍ତ କରିବାର କାରଣ କ'ଣ? ଯଦି ସେ ରାଜଧର୍ମ, ସାମ୍ବିଧାନିକ କର୍ତ୍ତବ୍ୟ ନିର୍ବାହରେ ଅକ୍ଷମ, ତାହେଲେ ନିଜେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ନ୍ତୁ। ନହେଲେ ନବୀନ ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ରହିଲେ ଓଡ଼ିଶାବାସୀଙ୍କ ପାଇଁ କ୍ଷତିକାରକ ବୋଲି କଂଗ୍ରେସ ଦଳ ତରଫରୁ କୁହାଯାଇଛି। ଏ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ, ଅମୀୟ ପାଣ୍ଡବ ଉପସ୍ଥିତ ଥିଲେ।

# ବେଆଇନ ବାଣ ଦୋକାନ ଉପରେ ଚଢଉ, ବିପୁଳ ବାଣ ଜବତ

ଧର୍ମଶାଳା(ପିଏନ୍): ଧର୍ମଶାଳା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଖୋଲିଥିବା ବାଣ ଦୋକାନଗୁଡିକ ଉପରେ ପୁଲିସ୍ ଚଢଉ କରିଥିଲା । ବାଣ ବିକ୍ରି କରିବା ପାଇଁ ଆବଶ୍ୟକ ଅନୁମତି ପାଇ ନଥିବା ଦୋକାନୀମାନଙ୍କ ବାଣକୁ ପୁଲିସ୍ ଜବତ କରି ନେଇଥିଲା । କରୋନା କଟକଣା ପାଇଁ ଗତବର୍ଷ କ୍ଷତି ସହିଥିବା କ୍ଷୁଦ୍ର ବ୍ୟବସାୟୀମାନେ ଚଳିତବର୍ଷ କ୍ଷତିଭରଣା କରିବା ପାଇଁ ଲକ୍ଷ୍ୟ ରଖିଥିଲେ । ରାଜ୍ୟ ସରକାରଙ୍କ ବିଳମ୍ବିତ ନିଷ୍ପତି ଏବଂ ସ୍ୱଳ୍ପ ସମୟ ମଧ୍ୟରେ ଆବଶ୍ୟକ କାଗଜପତ୍ର ଯୋଗାଡ କରିବା କେତେକ ବ୍ୟବସାୟୀଙ୍କ ପକ୍ଷରେ ସମ୍ଭବ ହୋଇନଥିଲା । ଏଥିପାଇଁ କେତେକ ଅନୁମତିପ୍ରାପ୍ତ ଦୋକାନରୁ ବାଣ କିଣି କ୍ଷୁଦ୍ର ବ୍ୟବସାୟୀମାନେ ବେପାର କରୁଥିଲେ । ଦୁଇ ପଇସା ଲାଭ କରିବା ପାଇଁ ଲକ୍ଷ୍ୟ ରଖିଥିବା ଗରିବ ବ୍ୟବସାୟୀମାନଙ୍କ ଉପରେ ପୁଲିସ୍ ଦାଉ ସାଜିଥିଲା । ପୁଲିସ୍ ଚଢଉ କରି ବାଣସବୁ ନେଇଯିବାରୁ ସେମାନଙ୍କର ମୂଳ ବୁଡି ଯାଇଥିବା ଅଭିଯୋଗ ଉଠିଛି । ସେହିପରି ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡିଆରେ ହୋଇଥିବା ଲାଇସେନ୍ସପ୍ରାପ୍ତ ବାଣ ଦୋକାନଗୁଡିକରେ ମଧ୍ୟ ପୁଲିସ୍ ଚଢଉ କରିଥିଲା । ବାଣ ବେପାର କରିବା ପାଇଁ ସେମାନଙ୍କ ପାଖରେ ଆବଶ୍ୟକ କାଗଜପତ୍ର ଥିଲେ ହେଁ, ଯାଞ୍ଚ ସମୟରେ ଗ୍ରାହକମାନେ ଭୟଭୀତ ହୋଇ ଫେରି ଯାଇଥିଲେ । ଫଳରେ ଦୁଇଟି ପର୍ଯ୍ୟାୟରେ ୩ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟ' ଏସବୁ ଦୋକାନ ବନ୍ଦ ହୋଇଯାଇଥିଲା । ବେପାର ସମୟରେ ପୁଲିସ୍ ଦୁଇଥର ଦୋକାନ ବନ୍ଦ କରିଦେବା ସହ ବିଦ୍ୟୁତ୍ ବିଛିନ୍ନ କରି ଦେଇଥିଲା । ଏଠାରେ ବ୍ୟବସାୟ ବାଧାପ୍ରାପ୍ତ ହେବା ସହ ଅନେକ ବାଣ ବିକ୍ରି ହୋଇପାରି ନଥିଲା । ଏପଟେ ଜବତ ବାଣ ସବୁ କଣ ହେଲା ବୋଲି ସାଧାରଣରେ ନାନା ପ୍ରଶ୍ନ ଉଙ୍କି ମାରିଛି । ସେହିପରି ସବୁଜ ବାଣ ବ୍ୟବହାର କରିବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଥିବା ବେଳେ ଏହାକୁ ନେଇ ଉଭୟ ବ୍ୟବସାୟୀ ଓ ଗ୍ରାହକ ସନ୍ଦେହରେ ରହିଥିଲେ । ପୂର୍ବବତ୍ ସବୁ ବାଣ ବିକ୍ରି ହୋଇଥିଲା । ଏବେ ଦୀପାବଳି ଶେଷ ହୋଇ ଯାଇଥିବାରୁ ଜବତ ବାଣସବୁ ଫେରାଇ ଦେବାକୁ ଦାବି ହୋଇଛି ।

## ଭୁବନେଶ୍ୱର ସାଂଗଠନିକ ଜିଲ୍ଲା କଂଗ୍ରେସର ନୂତନ କମିଟି ଗଠିତ

ଭୁବନେଶ୍ୱର (ପିଏନ୍)- ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ଜିଲ୍ଲା କର୍ମକର୍ତା ପ୍ରସ୍ତାବକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଶ୍ରୀ ଦାସ କହିଛନ୍ତି ନୂତନ ଭାବେ ଗଠିତ ଏହି କମିଟିରେ ମହିଳା ଓ ଯୁବକଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଏଥିରେ ଉପସଭାପତି ଭାବେ ବିଣାପାଣି ସାମଲ, ଯୋଗୀନାଥ ନାଏକ, ପ୍ରଶନ୍ନ କୁମାର ପରିଡ଼ା, ଆଶିଷ ମଲ୍ଲିକ, ଜୟକୃଷ୍ଣ ସୁବୁଦ୍ଧି ରହିଛନ୍ତି। ସାଧାରଣ ସଂପାଦକ ଭାବେ ଅକ୍ଷୟ କୁମାର ଦାସ, ଶତୃଘନ ବେହେରା, ରମାକା' ଦାସ, ଆତ୍ମାରାମ ପତି, ଆଦିତ୍ୟ ସାହୁ, ପ୍ରଭାତ କୁମାର ପ୍ରତାପ ସିଂ, ପ୍ରମେଶ ସାହୁ, ମାନସ କୁମାର ନାଏକ ରହିଛନ୍ତି। ସଂପାଦକ ଭାବେ ଦେବୀ ପ୍ରସାଦ ସ୍ୱାଇଁ, ଶରତ ସାମଲ, ଶ୍ରୀନାଥ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ଦାସ, ଗୋପାଳ ଚନ୍ଦ୍ର ସାହୁ, ସୌମେନ୍ଦ୍ର ମହାି, ସେକ ତାକ୍ୱିମ୍, ଶୁଭ୍ରଜ୍ୟୋତି ଲେଙ୍କା, ଲିପିନା ବାରିକ, କ୍ଷୀରୋଦ ବେହେରା, ରାଜୀବ ଲୋଚନ ଜେନା, ସରୋଜ କୁମାର ସାମ'ରାୟ, ବିପିନ୍ ବିହାରୀ ବଲ୍ଲଭ, ସଂଜୀବ ପୁଜାପଣ୍ଡା, ସେଖାଓତ୍ ଖାନ, ସୁବ୍ରତ ସେନାପତି, ମାନସ ମହାି, ଅର୍ଣ୍ଣପୂର୍ଣ୍ଣା ସାହୁ, ସୟଦ ଜମିଉଲ ହମିଦ ପ୍ରମୁଖ ରହିଛନ୍ତି। ସେହିପରି କୋଷାଧକ୍ଷ ଭାବେ ଶ୍ରୀ ମୋହନ ଜେନା, ମୁଖପାତ୍ର ଭାବେ ଶ୍ରୀ ସଂଜୀବ ମହାି ଏବଂ ସୋସିଆଲ ମେଡିଆ ଚ୍ୟାୟାରମେନ ଭାବେ ଶ୍ରୀ ଦେବଦତ ରାୟଙ୍କୁ ଦାୟୀତ୍ୱ ଦିଆଯାଇଛି। ଭୁବନେଶ୍ୱର ଉତର ନିର୍ବାଚନ ମଣ୍ଡଳୀର ଦାୟୀତ୍ୱ ବ୍ଲକ ସଭାପତି ଶ୍ରୀ ଅଶୋକ ଦାସଙ୍କୁ ଦିଆଯାଇଥିବା ବେଳେ, ଏକାମ୍ର ନିର୍ବାଚନ ମଣ୍ଡଳୀର ସାଂଗଠନିକ ଦାୟୀତ୍ୱ ପ୍ରଦେଶ କଂଗ୍ରେସ ସଂପାଦକ ଶ୍ରୀ ସୁବ୍ରତ ମହାପାତ୍ରଙ୍କୁ ଦିଆଯାଇଛି।

# ନବନିଯୁକ୍ତ ମହିଳା କଂଗ୍ରେସ ସଭାନେତ୍ରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ସମାରୋହ



ରାଉରକେଲା (ପିଏନ୍) : ରାଜନୀତି ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ କଂଗ୍ରେସ ଦଳ ସର୍ବଦା ମହିଳାମାନଙ୍କୁ ଗୁରୁତ୍ୱ ଦେଇଆସିଛି । ସମ୍ପ୍ରତି କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଜଣେ ମହିଳା ଭାବେ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ବିଗତ ଦିନରେ କଂଗ୍ରେସ ତରଫରୁ ଦେଶର ରାଷ୍ଟ୍ରପତି, ବିଭିନ୍ନ ରାଜ୍ୟର ରାଜ୍ୟପାଳ, ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ମହିଳାଙ୍କୁ କଂଗ୍ରେସ ଦଳ ସୁଯୋଗ ଦେଇଛି । ତେଣୁ ସମ୍ପ୍ରତି ମହିଳା କଂଗ୍ରେସ ସଙ୍ଗଠନକୁ ଜିଲ୍ଲା ସ୍ତରରେ ମଜବୁତ କରି ଯେପରି ପଞ୍ଚାୟତ, ପୌର ଓ ସମବାୟ ନିର୍ବାଚନରେ କଂଗ୍ରେସର ଅଧିକରୁ ଅଧିକ ମହିଳା ପ୍ରାର୍ଥୀ ନିର୍ବାଚିତ ହୋଇପାରିବେ ତା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ କହିଛନ୍ତି । ଗତ ୭ ତାରିଖରେ ନବନିଯୁକ୍ତ ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂହ, ପ୍ରଦେଶ ମହିଳା କଂଗ୍ରେସର କାର୍ଯ୍ୟକାରିଣୀ ସଦସ୍ୟା ପ୍ରଭାତୀ ମିଶ୍ର, ନିବନିଯୁକ୍ତ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଫିଲିସିତା ଚେରୁଆ ଓ କଲ୍ୟାଣୀ ପୂର୍ତ୍ତି ପ୍ରମୁଖଙ୍କୁ ଜିଲ୍ଲା କଂଗ୍ରେସ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ତିର୍କୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶା' ସେଠୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ମୁଖପାତ୍ର ଗିରିଜା ଶଙ୍କର ମିଶ୍ର, ବରିଷ୍ଠ ନେତା ଭାସ୍କର ଖିଲ୍ଲାର, ସାହିର ହୁସେନ ପ୍ରମୁଖ ବକ୍ତବ୍ୟ ରଖି ନିବନିଯୁକ୍ତ ସଭାନେତ୍ରୀଙ୍କ ସମେତ ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜ୍ଞାପନ କରି ସେମାନଙ୍କ ମିଳିତ ନେତୃତ୍ୱରେ ମହିଳା କଂଗ୍ରେସ ରାଉରକେଲା ସାଙ୍ଗଠନିକ ଜିଲ୍ଲାରେ ଅଧିକ ସୁସଙ୍ଗଠିତ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ମହିଳା କଂଗ୍ରେସର ନୂତନ ସଭାନେତ୍ରୀ ଶ୍ରୀମତୀ ବଳିୟାରସିଂହ ତାଙ୍କର ନିଯୁକ୍ତି ପାଇଁ ରାଜ୍ୟ ସଭାନେତ୍ରୀ ବନ୍ଦିତା ପରିଡା, କେନ୍ଦ୍ର ଓ ରାଜ୍ୟ ନେତୃତ୍ୱ ଏବଂ ଜିଲ୍ଲା ସଭାପତି ଶ୍ରୀ ତିର୍କୀଙ୍କ ସମେତ ଜିଲ୍ଲା କଂଗ୍ରେସର ସମସ୍ତ ବରିଷ୍ଠ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜ୍ଞାପନ କରି ସମସ୍ତଙ୍କ ପରାମର୍ଶ ଓ ସହଯୋଗରେ ମହିଳା କଂଗ୍ରେସକୁ ନିଶ୍ଚିତ ଭାବରେ ମଜବୁତ କରିବାରେ ସମର୍ଥ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଶ୍ରୀମତୀ ମିଶ୍ର, ସମ୍ପାଦିକା ଶ୍ରୀମତୀ ଚେରୁଆ ଓ ଶ୍ରୀମତୀ ପୂର୍ତ୍ତି ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ମହିଳା କଂଗ୍ରେସ ସଙ୍ଗଠନକୁ ମଜବୁତ କରିବା ଦିଗରେ ଜିଲ୍ଲା ସଭାନେତ୍ରୀଙ୍କୁ ସମସ୍ତ ପ୍ରକାରର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇ ସେମାନଙ୍କ ନିଯୁକ୍ତି ପାଇଁ ବରିଷ୍ଠ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂ.ଆର୍.ପି. ସିଂହ, କୋଷାଧ୍ୟକ୍ଷ ଚିତ୍ତରଂଜନ ମହାି, ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ଓ ବିଜୟ ଆପଟ, ରେହେମାନ ଖାନ, ପ୍ରଭାକର ଭୋଳ, ତୁଳସୀ ନାଗ, ଝୁନୁ ପଟ୍ଟନାୟକ, ପ୍ରତିମା ପାଣିଗ୍ରାହୀ, ରୁକସାନା ବେଗମ, ବନଲତା ବେହେରା, ସରସ୍ୱତୀ ଭୂମିଜ, ପଙ୍କଜିନି ସୁନା, ମିରନ ଏରିକା, ସୁବାସିନି କୁଆ, ସୁନୀତା ଲାକ୍ରା, ସରିତା ଟପ୍ପୋ, ଦିଲ୍ଲୀପ ଜେନା, ଶ୍ୟାମ ସାଗର, ପ୍ରତାପ ସାହୁ, ବିଜୟ ସାହୁ ପ୍ରମୁଖଙ୍କ ସମେତ ଶତାଧିକ ମହିଳା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତ'୍ୀ ଧନ୍ୟବାଦ ଦେଇଥିଲେ ବୋଲି ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ଜଙ୍ଗଲ କିସମ ଜମି ଶିକ୍ଷାନୁଷ୍ଠାନ ବ୍ୟବହାର ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି

ବାରିପଦା (ପିଏନ୍)- ମୟୂରଭଂଜ ଜିଲ୍ଲା ଆଦିବାସୀ ବହୁଳ ଓଡ଼ିଶାର ସବୁଠାରୁ ବଡ ଜିଲ୍ଲା । ଏହି ଜିଲ୍ଲାରେ ବହୁ ଶିକ୍ଷାନୁଷ୍ଠାନ ସରକାରୀ ଜମି ଏବଂ ଗ୍ରାମ୍ୟ ଜଙ୍ଗଲ ବା ରାଜସ୍ୱ ଜଙ୍ଗଲ ଉପରେ ଗଢି ଉଠିଛି । ତା ଛଡା ଆଗରୁ ଆମ ରାଜ୍ୟରେ +୨ ଏବଂ +୩ ଉଚ୍ଚ ଶିକ୍ଷା ଅଧିନରେ ଥିଲା । ବର୍ତ୍ତମାନ +୩ ଉଚ୍ଚ ଶିକ୍ଷା ଅଧିନରେ ଥିବା ବେଳେ +୨ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅଧିନକୁ ଆସିଛି । ବର୍ତ୍ତମାନ ନିୟମ ଅନୁସାରେ +୨ ଏବଂ +୩ ଶିକ୍ଷାନୁଷ୍ଠାନ ନାମରେ ଅଲଗା ଅଲଗା ଜମି ରେକର୍ଡଭୁକ୍ତ କରାଯିବାର ଆବଶ୍ୟକତା ରହିଛି । ତେଣୁ +୨ ବା +୩ ଅଲଗା ହେବା ପରେ ଅଧିକ ଜମିର ଆବଶ୍ୟକତା ପଡୁଛି । ତେଣୁ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିକଟରେ ଥିବା ଜଙ୍ଗଲ କିସମ ଜମି ଶିକ୍ଷାନୁଷ୍ଠାନ ବ୍ୟବହାର କରିବାର ଆବଶ୍ୟକତା ପଡୁଛି । କି଼ୁ କେନ୍ଦ୍ର ସରକାରଙ୍କର ବିନା ଅନୁମତିରେ ଜଙ୍ଗଲ କିସମ ଜମି ଶିକ୍ଷାନୁଷ୍ଠାନ ନିମ' ବ୍ୟବହର କରାଯାଇ ପାରିବ ନାହିଁ । କେନ୍ଦ୍ର ସରକାରଙ୍କ ଅନୁମତି ପାଇବାକୁ ହେଲେ ସଂପୃକ୍ତ ଶିକ୍ଷାନୁଷ୍ଠାନ ସଂପୃକ୍ତ ଶିକ୍ଷାନୁଷ୍ଠାନ ଅନଲାଇନ ମାଧ୍ୟମରେ ବା ବନଖଣ୍ଡ ଅଧିକାରୀଙ୍କ ନିକଟରେ ନିୟମ ଅନୁଯାୟୀ ଆବେଦନ କରିପାରିବେ । କି଼ୁ ଏଥି ପୂର୍ବୁ ଜିଲ୍ଲା ପ୍ରଶାସନ ସଂପୃକ୍ତ ଜଙ୍ଗଲ କିସମ ଜମି ଆବେଦନ କରିଥିବା ଶିକ୍ଷାନୁଷ୍ଠଶନ ନାମରେ ସାଇଟ୍ ସିଲେକସନ କମିଟି ଦ୍ୱାରା ଚୟନ କରିଥିବା ଦରକାର ବା ରାଜ୍ୟ ସରକାର ଏଥିପାଇଁ ଅନୁମତି ଦେଇଥିବା ଆବଶ୍ୟକ, ତାହେଲେ ସଂପୃକ୍ତ ଶିକ୍ଷାନୁଷ୍ଠାନମାନେ ବ୍ୟବହାରକାରୀ ସଂସ୍ଥା ଭାବରେ ବନଖଣ୍ଡ ଅଧିକାରୀଙ୍କ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ଆବେଦନ କରିପାରିବେ ଏବଂ କେନ୍ଦ୍ର ସରକାରଙ୍କର ଅନୁମତି ପାଇଲା ପରେ ତହସିଲଦାରଙ୍କ ମାଧ୍ୟମରେ ସେହି ଜଙ୍ଗଲ କିସମ ଜମିକୁ ଶିକ୍ଷାନୁଷ୍ଠାନମାନେ ବ୍ୟବହାର କରିପାରିବେ । ଏଥି ନିମ' ବ୍ୟବହାର କରି ଶିକ୍ଷାନୁଷ୍ଠାନମାନଙ୍କୁ କେନ୍ଦ୍ର ସରକାରଙ୍କ ସର୍ତ୍ତ ପୂରଣ କରିବାକୁ ପଡିବ । ପ୍ରତି ବଦଳରେ ଶିକ୍ଷାନୁଷ୍ଠାନ ମାନଙ୍କୁ ଜଙ୍ଗଲ ସୃଷ୍ଟି ନିମିତ୍ତ ଅନ୍ୟ ଜାଗାରେ ଜମି ଦେବାକୁ ପଡିପାରେ ବା ଧାର୍ଯ୍ୟ ପ୍ରାପ୍ୟ ଦେବାକୁ ପଡିପାରେ । ତେଣୁ ଜିଲ୍ଲା ପ୍ରଶାସନ ଏବଂ ରାଜସ୍ୱ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଚେତନ ନାଗରିକ ମଞ୍ଚ ସଭାପତି ତଥା ବାରିପଦାର ପୂର୍ବତନ ବିଧାୟକ ଦାବୀ କରିଛନ୍ତି । ତାହା ହୋଇପାରିଲେ ଜଙ୍ଗଲ କିସମ ଜମି ଶିକ୍ଷାନୁଷ୍ଠାନ ସ୍ଥାପନ ନିମ' ବ୍ୟବହାର ହୋଇପାରିବ ବୋଲି ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟ ପୂର୍ବତନ ସିନେଟ ଏବଂ ସିଣ୍ଡିକେଟ କାଉନସିଲ ସଦସ୍ୟ ପ୍ରଦୀପ କୁମାର ନାୟକ ମତ ପ୍ରକାଶ କରିଛନ୍ତି । ଏଥି ନିମ' କେତେକ ଶିକ୍ଷାନୁଷ୍ଠାନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଲିଖିତ ଭାବରେ ଅନୁରୋଧ ମଧ୍ୟ କରିଛନ୍ତି । ତେଣୁ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ ହେଉଛି ।

## ସମାଜସେବୀ ଅକ୍ଷୟ ତରାଇଙ୍କୁ ସେବାଶ୍ରୀ ସମ୍ମାନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ସମାଜସେବୀ ଅକ୍ଷୟ କୁମାର ତରାଇଙ୍କୁ ରାଜଶ୍ରୀ କଳା ଓ ସଂସ୍କୃତି ସଂସଦର ୩୩ତମ ବାର୍ଷିକ ଉତ୍ସବରେ ସେବାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ସଂସଦର ସଭାପତି କାଶୀନାଥ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଓ ରାଜନଗର ବିଧାୟକ ଧ୍ରୁବଚରଣ ସାହୁ ବିଶିଷ୍ଟ ଅତିଥି ଭାବେ, ଓଡିଶା ବିଧାନସଭା ସଚିବ ଦାଶରଥି ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଲିପାଟଣା ଗ୍ରାମର ସମାଜସେବୀ ଶ୍ରୀ ତରାଇଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ବରିଷ୍ଠ କବି ସଞ୍ଜୟ କୁମାର ରଥ, ଯାତ୍ରାଭିନେତା ଦୈତାରୀ ପଣ୍ଡା, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ସମ୍ପାଦକ ଆଶୁକବି ହେମନ୍ତ ଜେନା ଓ ଶିକ୍ଷାବିତ ନଳିନୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ସମାଜସେବୀ ଦାମୋଦର ସାମଲଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଦାମୋଦର ସାମଲଙ୍କ ଦ୍ୱାଦଶାହ ଅବସରରେ ତାଙ୍କ ଭରତପୁର (ହରିଡାଦଣ୍ଡା)ସ୍ଥିତ ବାସଭବନ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବରିଷ୍ଠ ନାଗରିକ ରାଜକିଶୋର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ଭରତପୁର ସରପଞ୍ଚ ଜୀନତପ୍ରିୟଦର୍ଶିନୀ ରାଉତ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ଦାସ, ଶରତ ସାମଲ, ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ମଲିକ, ଶିକ୍ଷକ ବାନାମ୍ବର ସ୍ୱାଇଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ସାମଲଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଆଜମେର ଯାତ୍ରୀଙ୍କୁ ବିଧାୟକଙ୍କ ଶୁଭେଚ୍ଛା ଓ ଅଭିନନ୍ଦନ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାରୁ ଆଜମେର ତୀର୍ଥରେ ଯାଉଥିବା ମୁସଲମାନ ସଂପ୍ରଦାୟର ଭାଇଭଉଣୀମାନଙ୍କୁ କେନ୍ଦ୍ରାପଡା ବିଧାୟକ ଶଶୀ ଭୂଷଣ ବେହେରା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏଥିସହିତ ସେମାନଙ୍କ ସଫଳ ତୀର୍ଥଯାତ୍ରା ଓ ମଙ୍ଗଳକାମନା କରି ବିଧାୟକ ଶ୍ରୀ ବେହେରା ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। କେନ୍ଦ୍ରାପଡାରୁ ମୁସଲମାନ ସଂପ୍ରଦାୟର ୫୦ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଗତ ବୁଧବାର ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ବସ ଯୋଗେ ଆଜମେର ଯାତ୍ରା କରିଛି। ସେହି ତୀର୍ଥଯାତ୍ରୀମାନେ କେନ୍ଦ୍ରାପଡାରୁ ଆଜମେର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଥିବା ପୀରବାବାଙ୍କ ପୀଠରେ କେନ୍ଦ୍ରାପଡାବାସୀଙ୍କ ମଙ୍ଗଳକାମନା କରି ପାର୍ଥନା କରିବେ। କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରାଙ୍କ ପକ୍ଷରୁ ବିଜୁ ଜନତା ଦଳର ଜିଲ୍ଲା ସଂଖ୍ୟାଲଘୁ ସେଲ ସଭାପତି ମହମ୍ମଦ ସେକ ଇନାୟତ(ଚନ୍ଦନ) ଅଦାଲତ ନିକଟସ୍ଥ ମନସୁର ବାବାଙ୍କ ପୀଠ ନିକଟରେ ସେହି ସ୍ୱତନ୍ତ୍ର ତୀର୍ଥଯାତ୍ରୀ ବସକୁ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଶ୍ମିରଞ୍ଜନ ଭଟ୍ଟ(ମୁନାଭାଇ), ବିଜୁ ଛାତ୍ର ଜନତା ଦଳ ସମ୍ପାଦକ ମହମ୍ମଦ ଆକ୍ରମ ଖାନ, ବିଜୁ ଛାତ୍ର ଜନତା ଦଳର ନଗର ଉପସଭାପତି ଚାନ୍ଦ ଖାନ, ଅମଜଦ ଖାନ, ସେକ ଅକମଲ ଅଲ୍ଲୀ, ସେକ ଗୋଫ୍ରାନ, ଅବଦୁଲ ମଜିଦ, ମସିମ ଖାନ, ଟିକି ବାବୁ, ସେକ ସିରାଜ, ସେକ ସଲାଉଦ୍ଦିନ, ସେକ ନସିମୁଦ୍ଦିନ ଓ ସେକ ଅସଲମ ପ୍ରମୁଖ ଉପସ୍ଥିତ ଥିଲେ।

## ବୀରସ୍ୱତୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଚାଳନା କମିଟି ଗଠିତ



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବୀରସ୍ୱତୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସ୍ଥାନୀୟ ଇଛାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରତ୍ନମାଳୀ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ପ୍ରଧାନ ସଭାପତି ଏବଂ ନିରୁପମା ଦାସ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଓସ୍ତପୁର ପଂଚାୟତ ସମିତିସଭ୍ୟ ପ୍ରସନ୍ନ ରାଉତ, ସୁବାଷ ଜେନା, ମିନୁ ଜେନା, ଡଲି ମଲିକ, ଲକ୍ଷ୍ମୀପ୍ରିୟା ମହାନ୍ତି, ସୁମିତ୍ରା ସାହୁ, ବିଜ୍ଞାନ ମଲିକ , ଜଳଧର ପ୍ରଧାନ, ସଂଯୁକ୍ତା ମଲିକ, ବିଜୟ ବସନ୍ତିଆ, ଚାରୁଲତା ସାମଲ ପ୍ରମୁଖ ସଦସ୍ୟ ଓ ସଦସ୍ୟା ଭାବେ ମନୋନୀତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷୟତ୍ରୀ କାକୁଳି ମଲିକ, ଗୀତାଞ୍ଜଳୀ ବେହେରା, ସଂଜ୍ଞା ସାଗରିକା ନାୟକ, ନନ୍ଦିନୀ ଶତପଥି, ମଞ୍ଜୁଲତା ବେହେରା, ଶୁଭଲକ୍ଷ୍ମୀ ପତ୍ରୀ ଓ ପ୍ରିୟବ୍ରତ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ବାଘୁଆ ମହୁମାଛି ଆକ୍ରମଣରେ ୪ଆହତ ୧ ଗୁରୁତର

ଭଗାମୁଣ୍ଡା: କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ଗ୍ରାମରେ ମହୁମାଛି ଆକ୍ରମଣରେ ୪ଜଣ ଆହତ ଓ ଜଣେ ଗୁରୁତର ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଏକ କୁରୁମ ଗଛରେ ବାଘୁଆ ମହୁ ବସାବାନ୍ଧି ଥିବାବେଳେ ବାଜ ପକ୍ଷୀ ମହୁ ଖାଇବାକୁ ମହୁ ଫେଣାରେ ଖୁମ୍ପି ଦେଇଥିଲା । ସେହି ଗଛ ମୂଳରେ ବସିଥିବା ଭଗାମୁଣ୍ଡା ଗ୍ରାମର ତ୍ରିଲୋଚନ ପ୍ରଧାନ ଏବଂ ତଳବେଡା ଗ୍ରାମର ମନ ଦେହୁରୀ, ନିରା ଦାସ, ରଘୁ ଦେହୁରୀ ଏବଂ ବଗା ପ୍ରଧାନ ପ୍ରମୁଖ ମହୁମାଛି ଆକ୍ରମଣରେ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ବଗା ପ୍ରଧାନଙ୍କ ଅବସ୍ଥା ଗୁରୁତର ହୋଇ ପଡିଥିଲା । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଗୁରୁତର ବଗା ପ୍ରଧାନଙ୍କୁ ଚିକିତ୍ସା ପାଇଁ ହରିଚନ୍ଦନପୁର ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଅନ୍ୟ ଆହତ ୪ଜଣ ଭଗାମୁଣ୍ଡା ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡିଛି ।

## ସଡକ ସୁରକ୍ଷା ପାଇଁ ତାଲିମ କାର୍ଯ୍ୟକ୍ରମ 'ରକ୍ଷକ'ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକସେବା ଭବନର କନ୍‌ଭେନ୍‌ସନ ସେଂଟର ଠାରେ ସଡକ ସୁରକ୍ଷା ପାଇଁ ଏକ ଅଭିନବ ତାଲିମ କାର୍ଯ୍ୟକ୍ରମ 'ରକ୍ଷକ'ର ଶୁଭାରମ୍ଭ କରିଛନ୍ତି । ରାଜ୍ୟ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ୩୦ ହଜାର ପ୍ରଥମ ଜୀବନ ରକ୍ଷାକାରୀ (ଫାଷ୍ଟ ରେସପଣ୍ଡର) ତାଲିମ ପାଇବେ । ୩୦୦ ପ୍ରଶିକ୍ଷକ ରାଜ୍ୟର ୩୦ଟି ଜିଲ୍ଲାରେ ୩୦ ସପ୍ତାହ ପାଇଁ ତାଲିମ ପ୍ରଦାନ କରିବେ । ଏହାଦ୍ୱାରା ସଡକ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତି ମାନଙ୍କୁ ତୁରନ୍ତ ସହାୟତା ଓ ଚିକିତ୍ସା ମିଳିପାରିବ ଓ ଅନେକ ଜୀବନ ବଂଚାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସଡକ ଦୁର୍ଘଟଣା କେବଳ ଜଣେ ବ୍ୟକ୍ତି ବା ଗୋଟିଏ ପରିବାରର କ୍ଷତି ନୁହେଁ । ଏହା ସମାଜର କ୍ଷତି । ଅର୍ଥନୀତିର ମଧ୍ୟ ବଡ କ୍ଷତି । ତେଣୁ ଏହାକୁ ରୋକିବା ପାଇଁ ଆମେ ସମସ୍ତେ ଏକାଠି ହୋଇ କାମ କରିବା ଦରକାର । ଏ କ୍ଷେତ୍ରରେ ଡ୍ରାଇଭର ମାନଙ୍କର ଯେତିକି ଦାୟିତ୍ୱ, ସଡକ ବ୍ୟବହାର କରୁଥିବା ବ୍ୟକ୍ତିର ମଧ୍ୟ ସେତିକି ଦାୟିତ୍ୱ । ତା ସହିତ ଦୁର୍ଘଟଣା ସ୍ଥଳରେ ଥିବା ଅନ୍ୟ ଲୋକମାନଙ୍କର ମଧ୍ୟ ବିଶେଷ ଦାୟିତ୍ୱ ରହିଛି । ତେଣୁ ସେମାନେ ସାମାନ୍ୟ ସହଯୋଗ କଲେ, ଅନେକ ଜୀବନ ରକ୍ଷା ହୋଇପାରିବ ଓ ଅନେକ ପରିବାର ଦୁର୍ଦ୍ଦିନରୁ ରକ୍ଷା ପାଇପାରିବେ ବୋଲି ସେ କହିଥିଲେ । ତାଲିମ ବ୍ୟବସ୍ଥା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆପଣମାନେ ହେଉଛନ୍ତି ଜଣେ ଜଣେ ଉତ୍ତମ ନାଗରିକ । ଦୁର୍ଘଟଣାର ପ୍ରଥମ ଏକ ଘଂଟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ଆମେ ଯଦି ତୁରନ୍ତ ଚିକିତ୍ସା କରିବା, ତେବେ ଆମେ ଅନେକ ଜୀବନ ରକ୍ଷା କରିପାରିବା ବୋଲି ସେ କହିଥିଲେ । ବିପଦରେ ଥିବା ଲୋକର ଜୀବନ ବଂଚାଇବା ଠାରୁ ବଡ ପୁଣ୍ୟ କିଛି ନାହିଁ । ସଡକ ଦୁର୍ଘଟଣାର ଶିକାର ହେଉଥିବା ଲୋକ ମାନଙ୍କୁ ସାହାଯ୍ୟ ପାଇଁ ଆଗେଇ ଆସୁଥିବା ଲୋକକୁ ୨୦୦୦ ଟଙ୍କା ସହାୟତା ଦେବାର ବ୍ୟବସ୍ଥା କରାଯାଇଛି । ଏହାସହିତ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତି ମାନଙ୍କର ଚିକିତ୍ସା ପାଇଁ ରାଜ୍ୟ ସରକାର ୧୪୭ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବିଭିନ୍ନ ଏନଜିଓ ମାନେ ସଡକ ଦୁର୍ଘଟଣା ସମୟରେ ତୁରନ୍ତ ସହାୟତା ଯୋଗାଇଦେବା ଓ ସଚେତନତା ସୃଷ୍ଟି କ୍ଷେତ୍ରରେ ଯେଉଁ ଉଦ୍ୟମ କରୁଛନ୍ତି, ମୁଖ୍ୟମନ୍ତ୍ରୀ ତାର ଉଚ୍ଚ ପ୍ରଶଂସା କରିଥିଲେ । ସେମାନଙ୍କର ଏହି ଉଦ୍ୟମ ସଫଳ ହେବ ଓ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ରାଜ୍ୟସ୍ତରରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ବୋଲି କହିଥିଲେ । ତାଲିମ କାର୍ଯ୍ୟକ୍ରମ ଶେଷ ହେବା ପରେ ସଡକ ସୁରକ୍ଷା କ୍ଷେତ୍ରରେ ବହୁତ ଉନ୍ନତି ଆସିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଭିନ୍ନ ସ୍ୱେଚ୍ଛାସେବୀ, ରେଡକ୍ରସ ଓ ଅନ୍ୟାନ୍ୟ ସଂସ୍ଥା ମାନଙ୍କୁ ମୁଖ୍ୟମନ୍ତ୍ର ଧନ୍ୟବାଦ ଦେଇ ଜୀବନ ରକ୍ଷା କ୍ଷେତ୍ରରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରକ୍ଷକ ତାଲିମ କାର୍ଯ୍ୟକ୍ରମର ଲୋଗୋ ଉନ୍ମୋଚନ କରିବା ସହିତ ଏହାର ୱେବସାଇଟଙ୍ଗଚଞ୍ଜଓଉଝ ଉଦ୍‌ଘାଟନ କରିଥିଲେ । ତାଲିମରେ ଯୋଗ ଦେଇଥିବା ଫାଷ୍ଟ ରେସପଣ୍ଡର ମାନଙ୍କୁ କିଟ୍ ଓ ଟି-ସାର୍ଟ ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସଡକ ଦୁର୍ଘଟଣା ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ବିଭାଗୀୟ ପ୍ରମୁଖ ସଚିବ ମଧୁସୂଦନ ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପରିବହନ କମିଶନର ଅରୁଣ ବୋଥ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

## ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ 'ଜନଜାତୀୟ ଗୌରବ ଦିବସ' ପାଳନ ପାଇଁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ଜନଜାତି ଜନନାୟକ ତଥା ମହାନ୍ ସ୍ୱତନ୍ତ୍ରତା ସେନାନୀ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଦିବସ ନଭେମ୍ବର ୧୫ ଠାରୁ ୨୨ ନଭେମ୍ବର ପର୍ଯ୍ୟନ୍ତ 'ଜନଜାତୀୟ ଗୌରବ ଦିବସ' ଭାବରେ ପାଳନ କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭଗବାନ ବିର୍ସା ମୁଣ୍ଡାଙ୍କ ସମ୍ମାନରେ ତାଙ୍କର ଜୟନ୍ତୀ ଦିବସ ଠାରୁ ପାଖାପାଖି ସପ୍ତାହେ ବ୍ୟାପୀ 'ଜନଜାତୀୟଗୌରବ ଦିବସ' ପାଳନ କରିବା ପାଇଁ ଭାରତ ସରକାରଙ୍କ ଏହା ଯୁଗାନ୍ତକରୀ ନିଷ୍ପତି । ଏହି ନିର୍ଣ୍ଣୟ ଓଡ଼ିଶା ସମେତ ଦେଶର ଜନଜାତି ସଂପ୍ରଦାୟଙ୍କ ପୂର୍ବ ବୀରଗାଥା ଏବଂ ଗୌରବମୟ ଇତିହାସକୁ ଉଜ୍ଜିବୀତ କରିବା ସଙ୍ଗେସଙ୍ଗେ ସେମାନଙ୍କ ସଂସ୍କୃତି, ପରମ୍ପରା ସାରା ଭାରତବର୍ଷରେ ଆଦୃତ ହେବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ଏହାବ୍ୟତିତ କେନ୍ଦ୍ର କ୍ୟାବିନେଟର ବିଭିନ୍ନ ନିଷ୍ପତି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଆଗାମୀ ୨୦୨୧-୨୨ ଆଖୁ ଚାଷ ସମୟରେ ଇଥାନଲ ବ୍ଲେଣ୍ଡିଂ ପ୍ରୋଗ୍ରାମ ଅନ୍ତର୍ଗତ ଆଖୁଛେଦାରୁ ପ୍ରସ୍ତୁତ ଇଥାନଲକୁ ଅଧିକ ମୂଲ୍ୟରେ କିଣିବା ପାଇଁ ନିଷ୍ପତି ନିଆଯାଇଛି । ଏହା ଦ୍ୱାରା ଇଥାନଲ ଯୋଗାଣକାରୀ ଏବଂ ଚାଷୀମାନେ ଅଧିକ ଲାଭବାନ ହେବେ । ସେହିପରି ବର୍ଷ ୨୦୧୪-୧୫ ରୁ ୨୦୨୦-୨୧ ବର୍ଷ ପର୍ଯ୍ୟନ୍ତ କପାର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)ର କ୍ରୟ ପାଇଁ ଭାରତୀୟ କପା ଆୟୋଗକୁ ସିଧାସଳଖ ଚାଷୀଙ୍କୁ ସାହାଯ୍ୟ କରିବା ପାଇଁ ୧୭ ହଜାର ୪୦୮ କୋଟି ଟଙ୍କା ମଞ୍ଜୁର କରାଯାଇଛି । ସେହିପରି ବର୍ଷ ୨୦୨୦-୨୧ ପାଇଁ ପ୍ୟାକେଜିଂରେ ଝୋଟର ନିରନ୍ତର ବ୍ୟବହାରକୁ ମଧ୍ୟ ସ୍ୱୀକୃତି ଦିଆଯାଇଛି । ଏହି ନିଷ୍ପତି ଦ୍ୱାରା ଦେଶର ଲକ୍ଷ ଲକ୍ଷ ଝୋଟ ଏବଂ କପା ଚାଷୀମାନେ ଉପକୃତ ହେବେ । କପା ଏବଂ ଝୋଟଉତ୍ପାଦନରେ ଦେଶକୁ ଆତ୍ମନିର୍ଭର କରିବାରେ ସହାୟକ ହେବ ଏବଂ ଏହି ବର୍ଗର ଚାଷୀଙ୍କ ଉତ୍ପାଦକୁ ଉଚିତ୍ ମୂଲ୍ୟ ଦେବା ଓ ବଜାର ଉପଲବ୍ଧ କରିବା ଏବଂ ଆର୍ଥିକ ସମ୍ବଳ ବୃଦ୍ଧି କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।

## ନିରାଡମ୍ବର ଭାବେ ଯୋଡାରେ କାଳୀପୂଜା ପାଳିତ

ଯୋଡା: :ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ପରେ ଯୋଡାରେ ଏବେ କାଳୀପୂଜା ନିରାଡମ୍ବର ଭାବେ ପାଳନ କରାଯାଉଛି । ପବିତ୍ର ଦୀପାବଳିରୁ ମା'ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତିର ପୂଜାର୍ଚ୍ଚନା ଭକ୍ତିମୟ ପରିବେଶରେ ଯୋଡା ବସ୍‌ଷ୍ଟାଣ୍ଡରେ ବୈଦିକ ମତେ କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ଆରମ୍ଭ ହୋଇଛି । ୧୯୭୫ ମସିହାରୁ ଆରମ୍ଭ ହୋଇଥିବା ସାର୍ବସଜୀନ କାଳୀପୂଜା ଚଳିତ ବର୍ଷ ୪୬ ବର୍ଷରେ ପଦାର୍ପଣ କରିଛି । ୧୯୭୫ ମସିହାରେ ଯୋଡାର ବିଶିଷ୍ଟ ବ୍ୟକ୍ତି ବଂଶୀଧର ତ୍ରିପାଠୀ, ଗୋପିନାଥ ମହାନ୍ତି, ମାଧବାନନ୍ଦ ଜେନା, ହେମନ୍ତ ତ୍ରିପାଠୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ସାର୍ବଜନୀନ କାଳୀପୂଜା । ଚଳିତ ବର୍ଷ କୋରନା କଟକଣା ହେତୁ ନିରାଡମ୍ବର ଭାବେ ପୂଜା ପାଳନ କରାଯାଉଛି । କାଳୀପୂଜା ମଣ୍ଡପରେ ମା'ଙ୍କର କମ୍ ଉଚ୍ଚ ମୃଣ୍ମୟୀ ମୂର୍ତ୍ତୀ ନିର୍ମାଣ କରାଯାଇ ଗୁରୁବାର ରାତ୍ର ଠାରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ଗୁରୁବାର ରାତିରେ କଳସ ଯାତ୍ରା ପରେ ଘଟ ସ୍ଥାପନ କରି ଅର୍ଦ୍ଧରାତ୍ରରେ ଆବାହନ, ଚଣ୍ଡିପାଠ ସହ ଅନ୍ୟାନ୍ୟ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିବା ମୁଖ୍ୟ ପୂଜକ ପଣ୍ଡିତ ସୁରେନ୍ଦ୍ର ନାଥ ଦାସ ଓ ସହକାରୀ ପଣ୍ଡିତ ବଳରାମ ମହାପାତ୍ର ସୂଚନା ଦେଇଛନ୍ତି । କରୋନା କଟକଣାକୁ ଲକ୍ଷ୍ୟ କରାଯାଇ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଶ୍ରଦ୍ଧାଳୁମାନେ ସାମାଜିକ ଦୂରତା ବଜାୟ ରଖି ମା'ଙ୍କ ଦର୍ଶନ କରୁଛନ୍ତି । ପୂଜା ଅବସରରେ ଚଳିତ ବର୍ଷ ଭଜନ ସମାରୋହ ଓ ମେଲୋଡି ଭଳି କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉ ନଥିବା ବେଳେ ୭ତାରିଖ ରବିବାର ଦିନ ମା'ଙ୍କର ବିସର୍ଜନ କାର୍ଯ୍ୟକ୍ରମ କରାଯିବ ବୋଲି ପୂଜା କମିଟିର ସଭାପତି ଶିରିଷ ଚନ୍ଦ୍ର ମହାନ୍ତି, ସମ୍ପାଦକ ବିନୋଦ ପଟ୍ଟନାୟକ, କୋଷାଧ୍ୟକ୍ଷ କଳାକର ସା ଓ ପ୍ରଭାକର ରାଉତ ପ୍ରମୁଖ କହିଛନ୍ତି ।

## ଆନନ୍ଦପୁର କୃଷି ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା

ଆନନ୍ଦପୁର: ଆନନ୍ଦପୁର କୃଷି ଅଧିକାରୀ ଭାବେ ଯୋଗଦାନ ଦେବାର ୩ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟାଳୟରେ ଅଫିସର ଦେଖିବାକୁ ମିଳୁନାହାଁନ୍ତି । ଘଟଣାରୁ ଜଣାପଡେ ଆନନ୍ଦପୁର, ହାଟଡିହି, ଘସିପୁରାର ଅଧିକାଂଶ ଚାଷୀମାନେ ଚାଷ ଉପରେ ନିର୍ଭର କରୁଥିବା ବେଳେ ଜିଲ୍ଲା କୃଷି ଅଧିକାରୀ ଜଣକ ମନଇଛା ଅଫିସ ଆସୁଛନ୍ତି । ତାଙ୍କ ଜିଲ୍ଲା କାର୍ଯ୍ୟାଳୟରେ ଜନୈକ କର୍ମଚାରୀଙ୍କୁ ଏ ବିଷୟରେ ପଚାରିବାରୁ ଗଣମାଧ୍ୟମକୁ ସେ ସୂଚନା ଦେଇଥିଲେ ଯେ ସାର ହାଟଡିହି ଯାଇଛନ୍ତି ଦିନ ୧୨ଟା ପରେ ଆସିବେ । ଗଣମାଧ୍ୟମ ପ୍ରତିନିଧିମାନେ ବିଶେଷ ସୂତ୍ରରୁ ଖବର ପାଇଲେ ଯେ ଜିଲ୍ଲା କୃଷି ଅଧିକାରୀଙ୍କ ଘର ଆଗରପଡା ହୋଇଥିବା ବେଳେ ସେ ହେଡ୍‌କ୍ୱାର୍ଟରରେ ନରହି ଘରୁ ଅଫିସ୍ ଯିବା ଆସିବା କରୁଥିବା ବେଳେ ସଠିକ୍ ସମୟରେ ଅଫିସ୍‌ରେ ନରହିବା, ୩ଟି ବ୍ଲକର ଅଧିକାଂଶ ଚାଷୀମାନେ ଓଡିଶା ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଜାଣିବା ପାଇଁ ଜିଲ୍ଲା କାର୍ଯ୍ୟାଳୟକୁ ଆସି ଜିଲ୍ଲା ଅଧିକାରୀଙ୍କୁ ନପାଇ ନିରାଶ ହୋଇ ଫେରି ଯାଉଛନ୍ତି । ଜିଲ୍ଲା କୃଷି ଅଧିକାରୀ ଫିଲ୍ଡ ବାହାନା ଦେଖାଇ କାର୍ଯ୍ୟାଳୟରେ ଅନପସ୍ଥିତ ରହୁଛନ୍ତି । ଗଣମାଧ୍ୟମ ପ୍ରତିନିଧି କୃଷକ ମାନଙ୍କ ଅଭିଯୋଗ ପାଇ ଲଗାତର ୩ ଦିନ ହେବ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କ ଭେଟ ନମିଳିବାରୁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ୍ ନ ଉଠାଇ ମୋବାଇଲ୍‌କୁ ସୁଇଚ୍‌ଅଫ୍ ରଖିଥିଲେ । ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି ।

### ସର୍ବ ପୁରାତନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀ ବାହିନୀ ଅନିଶ୍ଚିତତା ମଧ୍ୟରେ

ଆନନ୍ଦପୁର: ଆନନ୍ଦପୁର ସ୍ଥିତ ସର୍ବ ପୁରାତନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବା ବେଳେ କ୍ରୀଡା ଶିକ୍ଷକଙ୍କୁ ଡିପ୍ଲୋମେସିରେ ଅଣାଯାଇଥିଲା । କିନ୍ତୁ ପରିତାପର ବିଷୟ ଉକ୍ତ କ୍ରୀଡା ଶିକ୍ଷକ ଜଣକ ରେଗୁଲାର ଶିକ୍ଷକ ନ ହୋଇଥିବାରୁ ସମର ଶିକ୍ଷାର୍ଥୀ ବାହିନୀ ନିୟମ ଅନୁଯାୟୀ ଉକ୍ତ କ୍ରୀଡା ଶିକ୍ଷକ ଜଣକ ଡିପ୍ଲୋମେସିରେ ଥିବାରୁ ସେ ସମର ଶିକ୍ଷାର୍ଥୀ ବାହିନୀ ବାଟାଳିୟନ ଟ୍ରେନିଂ ନେଇପାରିବେ ନାହିଁ ।

## ବିଶ୍ୱମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା ରଥ

କନ୍ଧମାଳ,(ପିଏନ)- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼.ରାଜଶ୍ରୀ ପଟନାୟକଙ୍କ ଦ୍ୱାରା ଜିଲାର ଗ୍ରାମାଂଚଳ ଗୁଡିକରେ ମାନସିକ ସ୍ୱାସ୍ଥ୍ୟ ସଂମ୍ପର୍କିତ ସଚେତନତା ପାଇଁ ଏକ ସଚେତନତା ରଥାର ଶୁଭ ରଥ ଉଦ୍ ଘାଟନ କରାଯାଇଛି । ଏହି ରଥ ଜିଲାର ଗ୍ରାମାଞ୍ଚଗ୍ରାମଂଚଳରେ ସଚେତନତାର ବାର୍ତା ପ୍ରଚାର ଉଦ୍ଦେଶ୍ୟରେ ଭ୍ରମଣ କରିବ । ଏହି ଅବସରରେ ଜିଲାର ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ନୋଡ଼ାଲ୍ ଅଫିସର ତଥା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼.କଲ୍ୟାଣି ମିଶ୍ର , ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ରୋଗ ନିୟନ୍ତ୍ରଣ) ଡ଼.ବସନ୍ତ କୁମାର ପାତ୍ର , ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡ଼.ପ୍ରଭାକର ସାହୁ , ଏନ୍.ଏଚ୍.ଏମ୍ ଜିଲା ପରିଚାଳକ ମନୋରଞ୍ଜନ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କର୍ମକର୍ତା ,ଦଧିବାମନ ରଥ, ମଧୁମିତା ସାହୁ ଓ ଦେବାଶିଷ୍ ମିଶ୍ରଙ୍କ ମିଳିତ ସହଯୋଗରେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମର ସୂଚନା ପ୍ରକାରେ,ବର୍ତମାନ ଅନ୍‌ଲାଇନ୍ ମାନସିକ ଶିକ୍ଷା ଭିତିକ କାର୍ଯ୍ୟକ୍ରମ ଆସନ୍ତା ୧୦ ତାରିଖରୁ ୧୬ ତାରିକ ପର୍ଯ୍ରନ୍ତ ଚାଲୁ ରହିବ ଏବଂ ମାନସିକ ସ୍ୱାସ୍ଥ୍ୟ ସଂପର୍କିତ ଶିକ୍ଷା , ଅଭିଜ୍ଞ ଚିକତ୍ସକ ଓ ଅଭିଜ୍ଞ ପରାମର୍ଶ ଦାଦାଙ୍କ ଦ୍ୱାରା ପ୍ରଦାନ କରାଯାଉଛି । ଶିଘ୍ର ରୋଗ ନିରୁପଣ ଓ ଆଶୁ ଚିକତ୍ସା ମାନସିକ ରୋଗ ନିରାକରଣ ପାଇଁ ମାନସିକ ରୋଗ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯିବ ବୋଲି ସୂଚନା ଦିଆଯାଇଛି ।

## ଲିଜ୍‌ଧାରୀ ଚୟନରେ ଅନିୟମିତତା, ଆମରଣ ଅନଶନ




ହାଟଡିହ(ପିଏନ)-କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅଧିନରେ ତିନୋଟି ବାଲିଘାଟ ନିଲାମ ନିମନ୍ତେ ଗତ ୨୫.୦୮.୨୦ରେ ଚିଠି ନଂ ୫୬୪୦ରେ ନୋଟିସ୍ କରାଯାଇଥିଲା । ଅମୃତପୁର, ଗୋବିନ୍ଦପୁର, ଜମ୍ବିରା ତିନୋଟି ବାଲିଘାଟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏଥି ମଧ୍ୟରୁ ଗୋବିନ୍ଦପୁର ବାଲିଘାଟ ପାଇଁ ୯ଟି ଆବେଦନ ଗ୍ରହଣ କରାଯାଇଥିଲା । ଯେଉଁଥିରେ ୨୪.୦୯.୨୦ ନିଲାମ କରାଯାଇ ୨୫.୦୯.୨୦ରେ ଉକ୍ତ ଘାଟ ପାଇଁ ଗଜେନ୍ଦ୍ର ସାହୁଙ୍କୁ ସ୍ୱୀକୃତି ଦିଆଯାଇଥିଲା । ଦ୍ୱିତୀୟ ସ୍ଥାନରେ ଥିବା ସୁବ୍ରତ ସା ଲିଜ୍‌ଧାରୀ ଚୟନରେ ଅନିୟମିତତା ଅଭିଯୋଗ ଆଣିଥିଲେ । ଯାହାକୁ ନେଇ ୧୨.୧୦.୨୦ରୁ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆମରଣ ଅନଶନରେ ବସିଛନ୍ତି । ଏହି ଅନଶନରେ ଉଦୟ ସା, ସୁବ୍ରତ ସା, ବିଶ୍ୱନାଥ ସାହୁ, ମାନସ ଜେନା, ଦୀପା ଜେନା ଉପସ୍ଥିତ ଥିଲେ । ଏସ୍‌ଡିପିଓ ବିଦ୍ୟୁତ୍ ପଣ୍ଡା ଧରଣା ସ୍ଥଳରେ ପହଂଚି ଅନଶନକାରୀଙ୍କୁ ୩ରୁ ୪ଦିନ ମଧ୍ୟରେ ତଦନ୍ତ କରାଯାଇ ନ୍ୟାୟ ଦେବାପାଇଁ ପ୍ରତିଶୃତି ଦେଇ ଧାରଣା ସ୍ଥଳରୁ ଉଠାଇ ଦେଇଥିଲେ ।

### ଇନ୍ଦୁପୁର ମୌଜାକୁ ବନ୍ଦୋବସ୍ତ କରାଯିବା ପାଇଁ ରାଜସ୍ୱ ମନ୍ତ୍ରୀଙ୍କୁ ଦାବି

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ଇନ୍ଦୁପୁର ମୌଜାର ବନ୍ଦୋବସ୍ତ କରାଯାଇନଥିବାରୁ ସେହି ରାଜସ୍ୱ ଗ୍ରାମର ଲୋକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରାଙ୍କ ଜରିଆରେ ରାଜସ୍ୱ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଇନ୍ଦୁପୁର ପଞ୍ଚାୟତଟି ମାତ୍ର ଗୋଟିଏ ରାଜସ୍ୱ ଗ୍ରାମ ଇନ୍ଦୁପୁରକୁ ନେଇ ଗଠନ କରାଯାଇଥିବା ବେଳେ ଏହାର ଭୌଗଳିକ ସ୍ଥିତି ସ୍ୱତନ୍ତ୍ର ରହିଛି । ଏହି ପଞ୍ଚାୟତରେ ଶିକ୍ଷାଦାନ ନିମନ୍ତେ ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସମେତ ବେସରକାରୀ ବିଦ୍ୟାଳୟମାନ ରହିଛି । ଏକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ଇନ୍ଦୁପୁରରେ ରହିଛି । ଏହା ବ୍ୟତିତ ସାପ୍ତାହିକ ହାଟ, ଗ୍ରାମ୍ୟ ବ୍ୟାଙ୍କ, କୃଷି ସମବାୟ ସମିତିର ମିନି ବ୍ୟାଙ୍କ ସମେତ ଜଳ ସମ୍ପଦ, ଉଠାଜଳ ସେଚନ, ବିଦ୍ୟୁତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର ସେକସନ କାର୍ଯ୍ୟାଳୟ ଓ ଭିଏସ ସେଣ୍ଟର ଭଳି ସରକାରୀ କାର୍ଯ୍ୟାଳୟ ସବୁ ରହିଛି । କିନ୍ତୁ ଗତ ୯୧ବର୍ଷ ଧରି ଇନ୍ଦୁପୁର ମୌଜାର ବନ୍ଦୋବସ୍ତ ହୋଇନଥିବାରୁ ଏହି ରାଜସ୍ୱ ଗ୍ରାମର ଅଧିବାସୀମାନେ ବ୍ୟବସାୟ ପାଇଁ ବ୍ୟାଙ୍କରୁ ଋଣ ଆଣିବାରେ, ଗୃହ ନିର୍ମାଣ କରିବାରେ, ଝିଅ ବିବାହ ପାଇଁ ଜମି ବିକ୍ରୀ କରିବାରେ ଏବଂ ବେକାର ଯୁବକଯୁବତୀମାନେ ସ୍ୱାବଲମ୍ବୀ ହେବା ପାଇଁ ଆବଶ୍ୟକ ଅର୍ଥ ବ୍ୟାଙ୍କରୁ ଋଣ କରିନପାରି ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ହତୋତ୍ସାହିତ ହୋଇପଡିଥିବା ଅଭିଯୋଗ କରିଛନ୍ତି । ଇନ୍ଦୁପୁର ଏକ ସଂସ୍କୃତି ସମ୍ପନ୍ନ ଅଞ୍ଚଳ ହୋଇଥିବା ବେଳେ ପ୍ରତିବର୍ଷ ସେଠାରେ ଦୁର୍ଗାପୂଜା, ମହା ବାରୁଣୀ ମେଳା ଓ ହୋଲି ଉତ୍ସବ ପ୍ରଭୃତି ଅନୁଷ୍ଠିତ ହୋଇଥାଏ । ବ୍ୟବସାୟ, ବାଣିଜ୍ୟ କରିବା ପାଇଁ ସେ ଅଞ୍ଚଳର ଅଧିବାସୀମାନେ ମଧ୍ୟ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

## ଶବ ନେଇ ଆମ୍ବୁଲାନ୍ସ ଠିଆ ହେଲା ୬ ଘଣ୍ଟା, ପ୍ରଶାସନ ହସ୍ତକ୍ଷେପରେ ଅନ୍ୟତ୍ର ହେଲା ସଂସ୍କାର

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆଠାରେ ଜଣେ କରୋନା ସଂକ୍ରମିତଙ୍କର ମୃତ୍ୟୁ ହେବାପରେ ପ୍ରଶାସନ ତରଫରୁ ଅସ୍ଥାୟୀ ଭାବରେ ନିର୍ଦ୍ଧାରଣ କରାଯାଇଥିବା ଶ୍ମସାନରେ ଶବଦାହ କରିବାକୁ ବିରୋଧ କରି ଅଂଚଳବାସୀ ଶବ ନେଇଥିବା ଆମ୍ବୁଲାନ୍ସକୁ ୬ ଘଣ୍ଟା ଧରି ଅଟକାଇବା ସହିତ ସେଠାରେ ଶବଦାହ କରିବାକୁ ବିରୋଧ କରିବାରୁ ଅଡୁଆରେ ପଡିଥିଲେ ମୃତକଙ୍କ ପରିବାର ଲୋକେ । ଫଳରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପହଂଚି ଲୋକଙ୍କୁ ବୁଝାସୁଝା କରିବାପରେ ମଧ୍ୟ ସେଠାରେ ଥିବା ଲୋକମାନେ ସବୁବେଳେ ଯାତାୟାତ କରୁଥିବାରୁ ସେଠାରେ କୋଭିଡ୍ ରୋଗୀର ଶବକୁ ପୋଡିବାକୁ ବିରୋଧ କରିଥିଲେ । ଫଳରେ ପ୍ରଶାସନ ଓ ପୋଲିସ ଉଦ୍ୟମରେ ଅନ୍ୟ ଏକ ଜନଶୂନ୍ୟ ତଥା ଜନବସତି ଠାରୁ ଦୂରବର୍ତି ସ୍ଥାନରେ ଶବକୁ ସଂସ୍କାର କରାଯାଇଛି । ସୂଚନା ଅନୁସାରେ, ଗତକାଲି ଫୁଲବାଣୀ କୋଭିଡ ହସାପିଟାଲରେ ଚିକିତ୍ସିତ ଅବସ୍ଥାରେ ଫିରିଙ୍ଗିଆ ଅଂଚଳର ଭାଗବତ ବେହେରା(୬୫)ଙ୍କର ମୃତ୍ୟୁ ହୋଇଥିଲା । କୋଭିଡ ହସପିଟାଲ କର୍ତୃପକ୍ଷ ଆଜି ଭୋର ସମୟରେ ମୃତକଙ୍କର ପରିବାର ଲୋକଙ୍କ ଘରକୁ ନେଇ ଏକ ଆମ୍ବୁଲାନ୍ସରେ ଶବକୁ ହସ୍ତାନ୍ତର କରିବା ସହିତ ଫିରିଙ୍ଗିଆରେ ପ୍ରଶାସନ ଦ୍ୱାରା ଅସ୍ଥାୟୀ ଭାବରେ ସ୍ଥିରିକୃତ ଶ୍ମସାନରେ ଶବକୁ ଦାହ ସଂସ୍କାର କରିବାକୁ ନେଇଥିଲେ । ଏହା ଜାଣିବାରେ ସେହି ଆଖପାଖରେ ଥିବା ମଝିପଡା, ଫିରିଙ୍ଗିଆ ଉପରପଡା, ନାହାନାଗାଁ, ଘାଟିସାହି ଆଦି ଅଂଚଳରେ ଥିବା ଲୋକମାନେ ସେଠାରେ କରୋନା ରୋଗୀଙ୍କ ଶବ ଦାହ କରିବାକୁ ବିରୋଧ କରିବା ସହିତ କିଛି ସମୟପାଇଁ ସେହି ଅଂଚଳରେ ଥିବା ମଝିପଡା ଘାଟି ନିକର ରାସ୍ତାରେ ରାସ୍ତାରୋକ କରିଥିଲୋ । ଫଳରେ ସେଠାରେ ଥିବା କାଶୀନିପଦର ଓ ଫିରିଙ୍ଗିଆ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା । ଖବର ପାଇବାପରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପୁଲିସ ଫୋର୍ସ ସହ ସେଠାରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ । ସେଠାରେ ନେତୃସ୍ଥାନୀୟ ବ୍ୟକ୍ତି ମାନଙ୍କର ସହାୟତାରେ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରାଯାଇଥିଲ । ହେଲେ ସେମାନେ ଏଥିରେ ରାଜି ନହେବାରୁ ମଝିପାଡା ଘାଟି ନିକଟରେ ଥିବା ଏକ ନିରୋଳା ଯାଗାରେ ଶବକୁ ସଂସ୍କାର କରାଯାଇଥିଲା । ମୃତ ଭାଗବତ ବେହେରୋ ଫିରିଙ୍ଗିଆ ଅଂଚଳର ଜଣେ ଜଣାଶୁଣା ବ୍ୟବସାୟୀ ହୋଇଥିବାରୁ ତାଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଶୋକରେ ଆଜି ଫିରିଙ୍ଗିଆର ସମସ୍ତ ଦୋକାନ ବଜାର ବନ୍ଦ ରହିଛି ।


2021-2022



**ADMISSION OPEN**

**Maharishi Public School, Baripada**

**STD-NURSERY TO VIII**

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Friday November 12, 2021 | ଭୁବନେଶ୍ୱର ଶୁକ୍ରବାର, ନଭେମ୍ବର ୧୨,୨୦୨୧ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com




# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ

କେନ୍ଦୁଝର:(ପି.ଏନ):କେନ୍ଦୁଝର ଜିଲ୍ଲାରେ ୨୦୨୧-୨୨ ଖରିଫ୍ ବର୍ଷର ଏଫ୍.ଏ.କ୍ୟୁ. ମାନର ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଚଳିତ ନଭେମ୍ବର ୧୧ ତାରିଖ ଗୁରୁବାର ପୂର୍ବାହ୍ଣରେ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ , ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ, ଜିଲ୍ଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଚମ୍ପୁଆ ଉପଜିଲ୍ଲାପାଳ ପ୍ରତାପ ପ୍ରିତିମୟୀ ,ଆନନ୍ଦପୁର ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ବେସାମରିକ ଯୋଗାଣ ଅଧିକାରୀ ହାଡିବନ୍ଧୁ ସେଠୀଙ୍କ ସମେତ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀ, ନିୟନ୍ତ୍ରିତ ବଜାର କମିଟିର ସଂପାଦକ, ଏଫ୍‌ସିଆଇ କର୍ମକର୍ତ୍ତା, ମିଲର ଏବଂ ଚାଷୀ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ବିଲୁଙ୍ଗ୍ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ସଂପର୍କରେ ଆଲୋକପାତ କରିଥିଲେ। ଶୃଙ୍ଖଳିତ ଭାବେ ଧାନ ସଂଗ୍ରହ ପ୍ରକ୍ରିୟା ପରିଚାଳନା ନିମନ୍ତେ ଯୋଗାଣ ଓ ସମବାୟ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ତଥା କୌଣସି ପଂଜିକୃତ ଚାଷୀ ଯେପରି ଧାନ ସଂଗ୍ରହ ପ୍ରକ୍ରିୟାରେ କିମ୍ବା ପ୍ରାପ୍ୟ ପାଇବାରେ ହଇରାଣ ହରକତ କିମ୍ବା ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ମାନ୍ୟବର ବିଧାୟକ ବୃନ୍ଦ ଗୁରୁତ୍ୱାରୋପ କରିଥିଲେ । ଚାଷୀମାନଙ୍କର ପ୍ରାପ୍ୟ ସମବାୟ ବ୍ୟାଙ୍କ୍ ତଥା ଅନ୍ୟାନ୍ୟ ବ୍ୟାଙ୍କ୍ ତରଫରୁ ଅନ୍‌ଲାଇନ୍ ମାଧ୍ୟମରେ ଚାଷୀମାନଙ୍କର ବ୍ୟାଙ୍କ୍ ଆକାଉଂଟକୁ ସିଧାସଳଖ ପଠାଯିବ । ଚାଷୀମାନେ ଯେପରି ସେମାନଙ୍କର ପ୍ରାପ୍ୟ ଠିକ୍ ସମୟରେ ପାଇପାରିବେ ସେଥିପ୍ରତି ଯୋଗାଣ ଓ ସମବାୟ ବିଭାଗର ଅଧିକାରୀମାନେ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏତଦ୍‌ବ୍ୟତୀତ ବୈଠକରେ ଧାନ ସଂଗ୍ରହର ବିଭିନ୍ନ ଦିଗ ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ନିଷ୍ପତି ଅନୁଯାୟୀ ବ୍ଲକ ୱାରି ଧାନ ସଂଗ୍ରହ ଆରମ୍ଭ ନିମନ୍ତେ ତାରିଖ ଧାର୍ଯ୍ୟ କରିବାକୁ ବେସାମରିକ ଯୋଗାଣ ଅଧିକାରୀ ଏବଂ ଡି. ଆର. ସି. ଏସ୍‌.ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଧାନ ସଂଗ୍ରହ ଆଗାମୀ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ଲ୍ୟାମ୍ପସ୍ / ସମବାୟ ସମିତି ଜରିଆରେ ଧାନ ସଂଗ୍ରହ କରାଯିବ ବୋଲି ନିଷ୍ପତି ନିଆଯାଇଛି। ଚଳିତ ବର୍ଷ ଜିଲ୍ଲାରେ ଧାନ ସଂଗ୍ରହ କେନ୍ଦ୍ର ସଂଖ୍ୟା ବୃଦ୍ଧି କରିବା ସଂର୍ମ୍ପକରେ ବୈଠକରେ ଆଲୋଚନା ହୋଇଥିଲା। ବିଗତ ବର୍ଷ ମାନଙ୍କରେ ମଣ୍ଡି ମାନଙ୍କରେ ଧାନ ଦେବାବେଳେ ଚାଷୀମାନେ ସମ୍ମୁଖୀନ ହୋଇଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଚଳିତ ବର୍ଷପାଇଁ ଧାନ ସଂଗ୍ରହ କିପରି ଶୃଙ୍ଖଳିତ ହୋଇପାରିବ ସେଥିନିମନ୍ତେ ପଦକ୍ଷେପ ନେବାକୁ ସଂପୃକ୍ତ ବିଭାଗୀୟ କତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାଧିକୃତ ମିଲର ମାନେ ମଣ୍ଡିରୁ ପ୍ରତିଦିନ ସଂଗୃହିତ ଧାନ ଉଠାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଧାନ ସଂଗ୍ରହ କେନ୍ଦ୍ରମାନଙ୍କୁ ଆବଶ୍ୟକୀୟ ଧାନ ଓଜନ ଯନ୍ତ୍ର ସହ ଅନ୍ୟାନ୍ୟ ଆନୁସଂଗିକ ଯନ୍ତ୍ରପାତି ଯୋଗାଇ ଦେବାକୁ ନିୟନ୍ତ୍ରିତ ବଜାର କମିଟିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ଧାନ ସଂଗ୍ରହ ସଂର୍ମ୍ପକରେ ସଚେତନତା ସୃଷ୍ଟି ନିମନ୍ତେ ନିୟନ୍ତ୍ରିତ ବଜାର କମିଟିର ସଂପାଦକମାନେ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଏବଂ ଉପଜିଲ୍ଲାପାଳମାନେ ଧାନ ସଂଗ୍ରହ ପ୍ରକ୍ରିୟା ତଦାରଖ କରିବାକୁ ବୈଠକରେ ସ୍ଥିରିକୃତ ହୋଇଛି । ପ୍ରତି ଧାନ ସଂଗ୍ରହ କେନ୍ଦ୍ରମାନଙ୍କରେ ଉପଦେଷ୍ଟା କମିଟି ଗଠନ ଓ ଧାନ ସଂଗ୍ରହ ପ୍ରକ୍ରିୟାକୁ କ୍ରିୟାଶୀଳ କରାଯିବାକୁ ନିଷ୍ପତି ନିଆଯାଇଛି। ମିଲର୍, ଯୋଗାଣ ଓ ସମବାୟ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କୁ ଏବଂ ଧାନ ସଂଗ୍ରହ କେନ୍ଦ୍ରର କର୍ମକର୍ତ୍ତାଙ୍କୁ ତାଲିମ ପ୍ରଦାନ ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଧାନ ସଂଗ୍ରହ ସଂପର୍କରେ କେନ୍ଦ୍ରୱାରୀ ବିଶଦ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବାକୁ ଡି.ଆର.ସ.ଏସ୍‌.ଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଚଳିତବର୍ଷ ସାଧାରଣ ଏଫ୍‌ଏକ୍ୟୁ ମାନ ଧାନର ମୂଲ୍ୟ କ୍ୱିଂଟାଲ ପ୍ରତି ୧୯୪୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଏଫ୍‌ଏକ୍ୟୁ ଗ୍ରେଡ୍ ଏ ଧାନର ମୂଲ୍ୟ କ୍ୱିଂଟାଲ ପ୍ରତି ଟ ୧୯୬୦ ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ବେସାମରିକ ଯୋଗାଣ ଅଧିକାରୀ ହାଡିବନ୍ଧୁ ସେଠୀ ସୂଚନା ଦେଇଥିଲେ।

## ମମିତା ମେହେର ହତ୍ୟାକାଣ୍ଡ ପ୍ରତିବାଦରେ ଜିଲ୍ଲା କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀ

କେନ୍ଦୁଝର,(ପି.ଏନ):ସଂପ୍ରତି ମମିତା ମେହେର ହତ୍ୟାକାଣ୍ଡର ମାସାଧିକ ସମୟ ବିତି ଯାଇଥିଲେ ମଧ୍ୟ ଉକ୍ତ କେଶରେ ସମ୍ପୃତି ଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ସରକାର ବହିଷ୍କାର ନକରିବା ଓ ମନ୍ତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ ଆସୁଥିବାର ନିରପେକ୍ଷ ତଦନ୍ତ ନକରିବା ଯୋଗୁଁ ଆସନ୍ତା କାଲି ଶୁକ୍ରବାର ରାଜ୍ୟ କଂଗ୍ରେସ ଦଳର ଆହ୍ୱାନ କ୍ରମେ ଜିଲ୍ଲା କଂଗ୍ରେସ ଭବନରେ ଜିଲ୍ଲା ସଭାପତି ବିପ୍ଳବ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରିଥିଲେ। ରାଜ୍ୟରେ କ୍ରମଶଃ ଭୁଷୁଡି ପଡୁଥିବା ଆଇନ୍ ଶୃଙ୍ଖଳାକୁ ସେ ଅତ୍ୟନ୍ତ କଠୋର ସମାଲୋଚନା କରିଥିଲେ । ୫-ଟିର ଦ୍ୱାହି ଦେଇ କେବଳ ଓଡିଶାର ଜନସାଧାରଣଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଭୂଆଁ ବୋଲାଉଛନ୍ତି ବୋଲି କହିବା ସଙ୍ଗେ ସଙ୍ଗେ ବର୍ତ୍ତମାନର ଶାସନ କେବଳ ବିରୋକ୍ରାଟଙ୍କ ନିର୍ଦ୍ଦେଶରେ ଚାଲିଛି ବୋଲି କହିଥିଲେ । ନିର୍ବାଚିତ ପ୍ରତିନିଧି କେବଳ ନାମକୁ ମାତ୍ର ସଖୀ କଣ୍ଢେଇ ପରି ରହିବା ବ୍ୟତୀତ ଅନ୍ୟ ଉପାୟ ନାହିଁ ବୋଲି ପ୍ରକାଶ କରିଥିଲେ ।

# ମନରେଗା ଯୋଜନାରେ ବ୍ୟାପକ ଦୁର୍ନିତୀ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ଖୋର୍ଦ୍ଧା,(ପିଏନ):ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ କଂଟାବାଡ ପଂଚାୟତର ମଲ୍ଲିପଦର, କେନ୍ଦୁପଲ୍ଲୀ, ବାସୁଦେବପୁର ଓ ତଣ୍ଡାଳ ଗ୍ରାମରେ ମନରେଗା ଯୋଜନାରେ ବ୍ୟାପକ ଦୁର୍ନିତି ହୋଇଥିବାରୁ ସ୍ଥାନୀୟ ସମିତି ସଭ୍ୟ ସୁବାସ ମହାନ୍ତି ନାଏବ ସରପଂଚ ବାସନ୍ତୀ ସାମନ୍ତରାୟ, ପୂର୍ବତନ ସମିତି ସଭ୍ୟ ଶିଶିର କୁମାର ଆଚାର୍ଯ୍ୟ, ପୂର୍ବତନ ସରପଂଚ ପୂର୍ଣ୍ଣ ଚନ୍ଦ୍ର ବେହେରା,ବିଦ୍ୟାଧର ମହାରଣା ଓ ରବୀନ୍ଦ୍ର ବାରିକଙ୍କ ସମେତ ବହୁ ଜନସାଧାରଣ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।ମନରେଗାରେ ଅଣକୁଶଳୀ ଶ୍ରମିକ ମାନଙ୍କ ପରିବର୍ତ୍ତେ ଜେସିବି ସାହାର୍ଯ୍ୟରେ କାର୍ଯ୍ୟ ଚାଲୁଥିବାରୁ ଦେଖିବାକୁ ମିଳୁଥିବା ବେଳେ ଜବକାର୍ଡଧାରୀ ଶ୍ରମିକ କାମ ନପାଇ କାମଧନ୍ଦା ଅନ୍ୱେଷଣରେ ରାଜ୍ୟ ବାହାରର ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରିବାକୁ ଯାଉଛନ୍ତି । ଯାହା ଫଳରେ ମନରେଗା ଯୋଜନାଟି ସମ୍ପୂର୍ଣ୍ଣ ବିଫଳ ହୋଇଥିବାର ଏଥିରୁ ସ୍ପଷ୍ଟ ଭାବରେ ଜଣା ପଡୁଛି । ଏହି ପଂଚାୟତରେ ପୂର୍ବ ଦୁଇ ବର୍ଷରୁ ବିଭିନ୍ନ ଗୋଚର,ଜଙ୍ଗଲ ଓ ଅନାବାଦୀ ଜମିରେ ଜଳ ସଂରକ୍ଷଣ କାର୍ଯ୍ୟଟି ମନରେଗାରେ ଅନ୍ତର୍ଭୁକ୍ତ ହୋଇ ୫୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ବିଲ ପାସ କରି ମାଲେମାଲ ହୋଇଛନ୍ତି ।ଏଥିରେ ପୁନର୍ବାର କନିଷ୍ଠ ଯନ୍ତ୍ରୀ ଓ ରୋଜଗାର ସେବକ ସହ ଯୋଗରେ ନିର୍ବାଚନ ପୂର୍ବରୁ ବିଲ ପାସ କରିବା ପାଇଁ ମସୁଧା ଚଳାଇଥିବା ସମୟରେ ଜିଲ୍ଲାପାଳ,ପଂଚାୟତିରାଜ ବିଭାଗ ,୫ଟି ସଚିବ,ଭିଜିଲାନସ ଓ ପ୍ରୋଜେକ୍ଟ ଡାଇରେକ୍ଟରଙ୍କୁ ତଦନ୍ତ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ କରିବା ଦାବୀ କରିଛନ୍ତି । ଏ ନେଇ ଜିଲ୍ଲାପାଳ ସ୍ଥାନୀୟ ବିଡିଓଙ୍କୁ ତଦନ୍ତ କରିବାକୁ ଜଣାଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ହୋଇପାରି ନାହିଁ ।ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ଆମ ପ୍ରତିନିଧି ଫୋନରେ ଯୋଗାଯୋଗ କରିବାରୁ ଦୁଇ ଦିନ ମଧ୍ୟରେ ଜଣାଇବେ ବୋଲି କହିଥିଲେ ।

# ଜାଲ ପ୍ରମାଣ ପତ୍ର ଦେଇ ହାତେଇଛନ୍ତି ପୋଡାଡିହ ସମ୍ପାଦକ ପଦବୀ

ଖୋର୍ଦ୍ଧା,(ପିଏନ):ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡାଡିହ ସେବା ସମବାୟ ସମିତିର ସମ୍ପାଦକ ଜାଲ ପ୍ରମାଣ ପତ୍ର ଦେଇ ପଦବୀ ହାତେଇଥିବାର ଅଭିଯୋଗ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ବିଳମ୍ବ ଘଟୁଛି । ସଂପୃକ୍ତ ଗ୍ରାମର ପୂର୍ବତନ ସରପଂଚ ବିଦ୍ୟାଧର ମାଣିକ ଆରଟିଆଇର ପ୍ରୟୋଗ କରି ତଥ୍ୟରୁ ଜଣାପଡିଛି । ସଂପୃକ୍ତ ଗ୍ରାମର ଧନେଶ୍ୱର ମାଣିକ ୧୯୬୦ ମସିହାରେ ଜନ୍ମ ତାରିଖ ହୋଇଥିବା ବେଳେ ୧୯୬୫ ମସିହାରେ ପଂଚମ ଓ ୧୯୭୮ ମସିହାରେ ଅଷ୍ଟମ ଶ୍ରେଣୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ଅଧିନରେ ରହିଥିବା ସ୍ଥାନୀୟ ନୀଳକଣ୍ଠପୁର ଆଦର୍ଶ ଆଂଚଳିକ ସଂସ୍କୃତ ବିଦ୍ୟାପୀଠରେ ଅଷ୍ଟମ ଶ୍ରେଣୀ ପାସ କରିଛନ୍ତି । କିନ୍ତୁ ଅଷ୍ଟମ ଶ୍ରେଣୀ ସାର୍ଟିଫିକେଟରେ ୧୯୬୦ ମସିହା ଜନ୍ମ ତାରିଖ ପରିବର୍ତ୍ତେ ୧୯୬୫ ମସିହା ରହିଛି । ଏହି ଜାଲ ପ୍ରମାଣ ପତ୍ର ଦେଇ ୨୦୦୮ ମସିହାରେ ପୋଡାଡିହ ସେବା ସମବାୟ ସମିତିର ସମ୍ପାଦକ ଭାବେ ନିଯୁକ୍ତ ହୋଇ କାର୍ଯ୍ୟ କରି ଆସୁଛନ୍ତି । ଶ୍ରୀ ମାଣିକଙ୍କ ମୂଳ ଜନ୍ମଗତ ପ୍ରମାଣ ପତ୍ର ଅନୁସାରେ ଅବସର ଗ୍ରହଣ କରିବା କଥା କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି କିଭଳି ଜାଲ ପ୍ରମାଣ ପତ୍ର ମାଧ୍ୟମରେ ସମ୍ପାଦକ ପଦବୀଟି ହାତେଇବା ଓ କାର୍ଯ୍ୟକାଳ ବୃଦ୍ଧିକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଆଦର୍ଶ ଶିକ୍ଷକ ମୁରଲୀଧର ଭୂୟାଁଙ୍କ ଏକାଦଶାହ ପାଳିତ

ବାରିପଦା,(ପି.ଏନ):ମୟୁରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବଡସାହି ବ୍ଲକସ୍ଥିତ ପାଉଁଶିଆ ଗ୍ରାମ ପଂଚାୟତସ୍ତ ପତରାପଦା ଗ୍ରାମର ସମସ୍ତଙ୍କ ପ୍ରିୟ ସ୍ୱର୍ଗତ ମୁରଲୀ ଧର ଭୂୟାଁ (୮୨)ଙ୍କ ଏକାଦଶାହ କ୍ରିୟା ନିଜସ୍ୱ ବାସଭବନରେ ପାଳିତ ହୋଇଯାଇଛି । ମୃତ୍ୟୁ ବେଳକୁ ଆଦରର ମୁରଲୀ ମାଷ୍ଟ୍ରେ ଦେଶ ସ୍ୱାଧୀନତା ପୂର୍ବ ୧୯୩୯ ମସିହା ଅକ୍ଟୋବର ମାସ ୧୧ ତାରିଖରେ ଜନ୍ମ ଗ୍ରହଣ କରି ଗ୍ରାମ ଚାଟଶାଳିରେ ଶିକ୍ଷା ଆରମ୍ଭ କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିବା ପରି ବାଲ୍ୟ କାଳରୁ ସ୍ୱାର୍ଗତ ଭୂୟାଁ ଶିକ୍ଷା ପ୍ରତି ମନୋନିବେଶ କରି ମାତ୍ର ୧୯ ବର୍ଷରୁ ଶିକ୍ଷକତା କାର୍ଯ୍ୟ କରିଥିଲେ । ସ୍ୱର୍ଗତ ଭୂୟାଁ ବଡସାହି ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷାଦାନ ଦେବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚାରିତ୍ରିକ ଗଠନର ସାଲିସ ବିହୀନ କାର୍ଯ୍ୟ ଯୋଗୁଁ ତାଙ୍କର ବହୁ ଛାତ୍ର ବର୍ତ୍ତମାନ ପ୍ରଶାସନ ତଥା ଚିକିତ୍ସା କ୍ଷେତ୍ରରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି । ସମଗ୍ର ବଡସାହି ଅଂଚଳରେ ସ୍ୱର୍ଗତ ଭୂୟାଁଙ୍କ ଅମାୟୀକ ବ୍ୟବହାର,ଛାତ୍ର ବତ୍ସଳତା ଗୁଣ ଯୋଗୁଁ ଅତ୍ୟନ୍ତ ପ୍ରିୟଭାଜନ ହୋଇପାରି ଥିଲେ । ସ୍ୱର୍ଗତ ଭୂୟାଁଙ୍କର ଉତ୍ସର୍ଗୀକୃତ ସେବା ଯୋଗୁଁ ୧୯୮୭ ମସିହାରେ ରାଷ୍ଟ୍ରପତି ପୁରସ୍କାର ପାଇଥିଲେ । ତାଙ୍କ ମୃତ୍ୟୁରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳି ଯାଇଥିଲା । ତାଙ୍କର ଏକାଦଶାହ ପୂଣ୍ୟ ତିଥିରେ ବହୁ ବୁଦ୍ଧିଜୀବୀ, ଶିକ୍ଷକ, ରାଜନୈତିକ ନେତୃବୃନ୍ଦ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଳୀ ଜ୍ଞାପନ କରିଥିଲେ। ସ୍ୱର୍ଗତ ଭୂୟାଁ ଏକାଧାରରେ ଜଣେ କୃତି ଶିକ୍ଷକ, ପରପୋକାରୀ ଏବଂ ସମାଜସେବୀ ଭାବେ ସେ ଅଂଚଳରେ ବେଶ୍ ସୁଖ୍ୟାତି ଥିଲେ ।

## ଆନନ୍ଦପୁର ବ୍ଲକର ରାଜୀବ ଗାନ୍ଧୀ ସଭାଗୃହରେ ୫-ଟି ଅନ୍ତର୍ଗତ ମୁକ୍ତା ଯୋଜାନାର ବୈଠକ ଅନୁଷ୍ଠିତ

ଆନନ୍ଦପୁର,(ପି.ଏନ):୫-ଟି ଅନ୍ତର୍ଗତ ମୁକ୍ତା ଯୋଜନା ମାଧ୍ୟମରେ ଆନନ୍ଦପୁର ସହରର ରୂପାନ୍ତରୀକରଣ ନିମନ୍ତେ ଆଜି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଆନନ୍ଦପୁର ବ୍ଲକର ରାଜୀବ ଗାନ୍ଧୀ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ଓ ୫-ଟି ସଚିବ ଶ୍ରୀ ଭି.କେ. ପାଣ୍ଡିଆନଙ୍କ ସହିତ ଭିଡିଓ କନ୍‌ଫୋରେନ୍ସିଂ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନାରେ ସହରକୁ ସୁନ୍ଦରିକରଣ କରିବା ସହ ପାର୍କ, ଜିମନାସିୟମ ଗୁଡିକୁ ଅନ୍ତର୍ଭୁକ୍ତ କରାଯାଇଛି ।

# ନିଖୋଜ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ମୁମୂର୍ଷ ଅବସ୍ଥାରେ ଉଦ୍ଧାର



ଖୋର୍ଦ୍ଧା,(ପିଏନ):ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଲହଙ୍ଗାଡିହ ଗ୍ରାମର ବୈଦ୍ୟନାଥ ସାହୁ ବ୍ଲକର ଶିକ୍ଷାଧିକାରୀ ଭାବେ କାର୍ଯ୍ୟରତ ଥିଲେ ।ନିଜର ପେନସନ କାର୍ଯ୍ୟ ପାଇଁ ବୁଧବାର ଦିନ ବାଣପୁର ବ୍ଲକ ଲହଙ୍ଗାଡିହ ଗ୍ରାମରୁ ଖୋର୍ଦ୍ଧା ଯାଇଥିବା ବେଳେ ତାଙ୍କର ଆସିବାରେ ଯଥେଷ୍ଟ ବିଳମ୍ବ ହେବାରୁ ପରିବାର ଲୋକମାନେ ସନ୍ଦେହ କରି ଖୋଜାଖୋଜି ଆରମ୍ଭ କରିଦେଇଥିଲେ ।ତାଙ୍କୁ ଆଜି ଜଙ୍କିଆ ଥାନା ମୋଟା କାଜୁ ଜଙ୍ଗଲରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନଓସ ଯୋଗେ ପ୍ରଥମେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ଆରମ୍ଭ କରାଯାଇଥିଲା । ତାଙ୍କର ଅବସ୍ଥାରେ ପରିବର୍ତ୍ତନ ନଆସିବାରୁ ଭୁବନେଶ୍ୱରସ୍ଥିତ ଏମସ ହସପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସିତ ଅବସ୍ଥାରେ ଅଛନ୍ତି । ଶ୍ରୀ ସାହୁଙ୍କର ବେକ ଓ ପେଟରେ ଆଘାତ ଲାଗିଥିବାରୁ ସ୍ଥାନୀୟ ପୋଲିସ ପହଂଚି ଘଟଣାର ଅନୁଧ୍ୟାନ କରୁଛି ।

# କେନ୍ଦୁଝର ଜିଲ୍ଲା ଟ୍ରକ ମାଲିକ ସଂଘ ପକ୍ଷରୁ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଦାବୀପତ୍ର ପ୍ରଦାନ




କେନ୍ଦୁଝର,(ପି.ଏନ): କେନ୍ଦୁଝରର ଜିଲ୍ଲାରୁ ଖଣିଜ ପଥର ପରିବହନ ରେଳ ଓ ରାସ୍ତା ପଥରେ କେତେ ଅନୁପାତରେ କରାଯିବ ସେ ନେଇ ସରକାର ଏକ ନିର୍ଦ୍ଧିଷ୍ଟ ପଦକ୍ଷେପ ନେବା ପାଇଁ କେନ୍ଦୁଝର ଜିଲ୍ଲା ଟ୍ରକ ମାଲିକ ସଂଘ ପକ୍ଷରୁ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇ ତୁରନ୍ତ ପଦକ୍ଷେପ ନିଆଯିବାକୁ ଅନୁରୋଧ କରାଯାଇଛି। ଟ୍ରକ ଓ ରେଳ ୱାଗନରେ କେଉଁ ଅନୁପାତରେ ମାଲ ପରିବହନ ହେବ ସେ ନେଇ ଦେଖା ଦେଇଥିବା ବିବାଦର ସମାଧାନ କରିବାକୁ ସଂଘ ପକ୍ଷରୁ ଦାବୀ କରାଯାଇଛି। ପ୍ରକାଶ ଯେ, କେନ୍ଦୁଝର ଜିଲ୍ଲାରେ ଟ୍ରକ ବ୍ୟବସାୟ କରି ବହୁ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପରିବାର ପତିପୋଷଣ କରି ଆସୁଛନ୍ତି। ସେହିପରି ୨୦୧୨ ମସିହାରେ ରାସ୍ତା ପଥରେ ଲୁହାପଥର ପରିବହନ ୫୦ ପ୍ରତିଶତରୁ କମ ହେବ ନାହିଁ ବୋଲି ଏକ ନିୟମ କରାଯାଇଥିଲା। ଲୋକଙ୍କ ଆର୍ଥିକ ସ୍ଥିତିକୁ ଦେଖି ଏହି ପଦକ୍ଷେପ ଖଣି ବିଭାଗ ପକ୍ଷରୁ ନିଆଯାଇଥିଲା। ଟ୍ରକରେ ଲୁହାପଥର ପରିବହନ ଯୋଗୁଁ ରାଜ୍ୟ ସରକାର ଅଧିକ ଟିକସ ପାଉଥିଲେ। ରେଳରେ ପରିବହନ ଯୋଗୁଁ ରାଜ୍ୟ ସରକାରଙ୍କ ରାଜସ୍ୱହାନୀ ଘଟୁଛି। ଏଣୁ ସରକାର ଲୋକଙ୍କ ସ୍ୱାର୍ଥ ପାଇଁ ଟ୍ରକରେ ଅଧିକ ଲୁହାପଥର ପରିବହନକୁ ପ୍ରାଧାନ୍ୟ ଦେବାକୁ ଜରୁରୀ, ନଚେତ ଋଣ କରି ଟ୍ରକ ବ୍ୟବସାୟ କରୁଥିବା ମାଲିକମାନେ କ୍ଷତିଗ୍ରସ୍ତ ହେବେ। ଏଣୁ ଏହାର ସମାଧାନ ନହେଲେ ଆଗାମୀ ଦିନରେ ବିବାଦ ଦେଖାଦେବା ସମ୍ଭବନା ରହିଛି। ସରକାର ଏ ନେଇ ଉପଯୁକ୍ତ ପଦକ୍ଷେପ ନେଇ ଟ୍ରକରେ ଅଧିକ ଲୁହାପଥର ପରିବହନ ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଏହି ଦାବୀପତ୍ର ପ୍ରଦାନ ସମୟରେ କେନ୍ଦୁଝର ଜିଲ୍ଲା ଟ୍ରକ ମାଲିକ ସଂଘର ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ କରଙ୍କ ନେତୃତ୍ୱରେ ଉପସଭାପତି ଦିଲ୍ଲୀପ କୁମାର ପଣ୍ଡା,ଯୁଗ୍ମ ସମ୍ପାଦକ ଦେବାଶିଷ ପଟ୍ଟନାୟକ,ସୟ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦାବୀପତ୍ର ଘଷିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର,ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ,ପାଟଣା ବିଧାୟକ ଜଗନ୍ନାଥ ନାୟକ,ସଦର ବିଧାୟକ ମୋହନ ଚରଣ ମାଝୀ ଙ୍କୁ ମଧ ପୃଥକ୍ ପୃଥକ୍ ଭାବେ ପ୍ରଦାନ କରାଯାଇଛି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray